
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 OCTOBER 2021

Vol.No. 32 ■ No. 261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦେଶରେ ଉପୁଜିପାରେ ବିଦ୍ୟୁତ ସଙ୍କଟ

### କେନ୍ଦ୍ର ସରକାରଙ୍କୁ ସମସ୍ୟା ଜଣାଇଲେ ବିଭିନ୍ନ ରାଜ୍ୟର ମନ୍ତ୍ରୀ



ନୂଆଦିଲ୍ଲୀ,୧୧/୧୦: ଖୁବଶୀଘ୍ର ଭାରତରେ ଉପୁଜିପାରେ ବିଦ୍ୟୁତ ସଂକଟ । କାରଣ ଦେଶରେ ସରି ସରି ଆସୁଛି ଗଚ୍ଛିତ କୋଇଲି । କୋଇଲାର ସଂକଟ ପାଇଁ ଆଗକୁ ବିଦ୍ୟୁତ ସମସ୍ୟା ଉତ୍କଟ ହୋଇପାରେ ବୋଲି ଏବେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେଣି । କୋଇଲା ସଂକଟ ଯୋଗୁ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରଭାବ ପଡିବା ଆରମ୍ଭ କଲାଣି । ଭାରତରେ କୋଇଲା ସଂକଟ ! ପ୍ରଭାବିତ ବିଦ୍ୟୁତ ସେବା । କୋଇଲା ସଂକଟ ପାଇଁ ସାରା ଦେଶରେ ଏବେ ବିଦ୍ୟୁତ ସେବା ପ୍ରଭାବିତ ହେବା ଆରମ୍ଭ କଲାଣି । ଯାହାକୁ ନେଇ ବିଭିନ୍ନ ରାଜ୍ୟ ସରକାରଙ୍କ ଚିନ୍ତା ବଢିବାରେ ଲାଗିଲାଣି । ରାଜସ୍ଥାନ, ମହାରାଷ୍ଟ୍ର, ଦିଲ୍ଲୀ, ବିହାର ସମେତ ଅନେକ ରାଜ୍ୟରେ ବିଦ୍ୟୁତ ଯୋଗାଣରେ ପ୍ରଭାବ ପଡିଥିବା ଦେଖିବାକୁ ମିଳୁଛି । ଫଳରେ ବିଭିନ୍ନ ରାଜ୍ୟ ସରକାର ଚିଠି ଲେଖି କୋଇଲା ସଂକଟକୁ ଯଥାଶୀଘ୍ର ସମାଧାନ କରିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣାଇଛନ୍ତି । ସେପଟେ ସାରା ଦେଶରେ ବିଦ୍ୟୁତ ଚାହିଦା ବୃଦ୍ଧି ଯୋଗୁ ବିଦ୍ୟୁତ ଦର ମହଙ୍ଗା ହେବାରେ ଲାଗିଛି । ବର୍ତମାନ ବିଦ୍ୟୁତ ଆବଶ୍ୟକତାକୁ ନେଇ ଖୋଲା ବଜାରରୁ ବିଦ୍ୟୁତ କିଣାଯାଉଛି । ବିଦ୍ୟୁତ୍ ଯୋଗାଉଥିବା ତାପଜ ବିଦ୍ୟୁତ୍ କମ୍ପାନୀ ପାଖରେ ଆବଶ୍ୟକ କୋଇଲା ନାହିଁ । ଫଳରେ ଆଗକୁ ସାରା ଦେଶରେ ବିଦ୍ୟୁତ ସମସ୍ୟା ଉତ୍କଟ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ହେଲେ ସେପଟେ ଏହାକୁ ନେଇ କେନ୍ଦ୍ର ଶକ୍ତି ମନ୍ତ୍ରୀ କହିଛନ୍ତି ଦେଶରେ ଆବଶ୍ୟକ ପରିମାଣର କୋଇଲା ମହଜୁଦ ଅଛି । ବିଦ୍ୟୁତ ବିତରଣ ନେଇ କୌଣସି ସମସ୍ୟା ହେବ ନାହିଁ । ଟାଟା ପାୱାର, ଗେଲ୍ ଏବଂ ଡିସକୋମ ଅଧିକାରୀଙ୍କୁ ନେଇ ବୈଠକ ପରେ ଏପରି ମନ୍ତବ୍ୟ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଭାରତରେ ୭୦ ପ୍ରତିଶତରୁ ଅଧିକ ବିଜୁଳି, କୋଇଲା ଉତ୍ପାଦିତ । ଭାରତରେ ପ୍ରବଳ ବର୍ଷା ଯୋଗୁଁ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । କରୋନା କାଳରେ ଉତ୍ପାଦନ ହ୍ରାସ ପାଇଥିଲା । ସ୍ଥିତିରେ ସୁଧାର ଆସୁଥିବା ବେଳେ ବଢ଼ିଛି କୋଇଲା ଚାହିଦା ।

## ମନୀଷଙ୍କ ମୃତ୍ୟୁକୁ ନେଇ ବଢୁଛି ରହସ୍ୟ

### ପାତ୍ରପଡାର ସାଉଥ ସିଟି ହୋଟେଲ ଉପରେ ପୋଲିସର ସନ୍ଦେହୀ ଆଖି



ଭୁବନେଶ୍ୱର,୧୧/୧୦(ନି.ପ୍ର): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷର ମୃତ୍ୟୁ ମାମଲାକୁ ୨୪ଘଣ୍ଟାରୁ ଅଧିକ ସମୟ ବିତିଥିଲେ ବି ଏହା ପଛର ପ୍ରକୃତ କାରଣ ସାମ୍ନାକୁ ଆସିପାରିନାହିଁ । ମୃତ୍ୟୁ ପୂର୍ବରୁ ଅର୍ଥାତ ଶନିବାର ରାତିରେ ଯେଉଁ ହୋଟେଲର ବାରରେ ମନୀଷଙ୍କୁ ଦେଖିବାକୁ ମିଳିଥିଲା ତାକୁ ସିଲ୍ କରିଦିଆଯାଇଛି । ଏହାର ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି କମିଶନରେଟ ପୋଲିସ । ସେପଟେ ବାରରୁ ବାହାରି କିଭଳି ପୋଖରୀ ନିକଟକୁ ଆସିଲେ ଓ ପୋଖରୀରେ ଖସିପଡିଲେ ତାର ଉତ୍ତର ଖୋଜା ଚାଲିଛି । ରାଜଧାନୀର ପାତ୍ରପଡାରେ ଥିବା ହୋଟେଲରେ କିଛି ଗୋଟିଏ ରହସ୍ୟ ଲୁଚି ରହିଛି । କାରଣ ଏହି ହୋଟେଲରେ, ମନୀଷଙ୍କର, ମୃତ୍ୟୁ ପୂର୍ବର ରାତି ବିତିଛି । ଆଉ ଏହାକୁ ବିଭିନ୍ନ ଦିଗକୁ ଦେଖୁଥିବା ସିସିଟିଭି କ୍ୟାମେରା ବି ଅନେକ କିଛି ରେକର୍ଡ କରିଥିବ ବୋଲି ଆଶା କରାଯାଉଛି । ହୋଟେଲ ବାରରେ ଶନିବାର ରାତି ପ୍ରାୟ ୪ଟାରେ ଶେଷ ଥର ପାଇଁ ମନୀଷଙ୍କୁ ଦେଖିବାକୁ ମିଳିଥିଲା । ଆଉ ମନୀଷଙ୍କ ଫୋନରୁ ସେହି ଭୋର ୪ଟା ୧୧ରେ ଶେଷ କଲ ଯାଇଥିଲା । ଆଉ ମନୀଷ କହୁଥିଲେ, ତାଙ୍କୁ କିଛି ଟଙ୍କା ଦରକାର, ଆଉ ସାଙ୍ଗ ମାନେ ତାଙ୍କୁ ଧୋକା ଦେଇ ଦେଇଛନ୍ତି ଏବଂ ଅପହରଣ ହୋଇଯାଇଛନ୍ତି । କିନ୍ତୁ ଏସବୁ କଥାର ରହସ୍ୟ ଏବେ ବି ରହସ୍ୟ ହୋଇ ରହିଛି । ଏହି ରହସ୍ୟ ଜନକ ମୃତ୍ୟୁ ଉପରୁ ପରଦା ହଟାଇବା ▶▶ପୃଷ୍ଠା ୭

## ବ୍ୟାଙ୍କ ଗାଡ଼ିରୁ କୋଟିଏରୁ ଉର୍ଦ୍ଧ୍ୱ ଲୁଟ୍ : ତିନି ଜଣଙ୍କୁ ଧରିଲା ପୋଲିସ



କଟକ/ଢ଼େଙ୍କାନାଳ,୧୧/୧୦ (ନି.ପ୍ର): କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ ଆଙ୍କୋଲା ନିକଟରେ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାର ଭ୍ୟାନ୍ ର ଡ୍ରାଇଭର ଓ ଗାର୍ଡ଼ଙ୍କୁ ବନ୍ଧୁକ ଦେଖାଇ ଭ୍ୟାନ୍ କୁ ଅପହରଣ କରିନେବା ସହ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ୩ ଲୁଟେରାଙ୍କୁ ଢ଼େଙ୍କାନାଳ ସଦାଶିବପୁର ଭୋଜଦେଇପୁରରୁ ଧରିଛି ଢ଼େଙ୍କାନାଳ ସଦର ପୋଲିସ। ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍ ସମୟରେ ଏହି ଲୁଟ୍ ହୋଇଥିଲା । ଏହାପରେ ଲୁଟେରା ମାନେ ଢ଼େଙ୍କାନାଳ ଅଭିମୁଖେ ଯାଉଥିବା ଜାଣିପାରି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯିବା ସହିତ ଏନେଇ ସମସ୍ତ ଥାନାକୁ ଆଲର୍ଟ କରାଯାଇଥିଲା । ଲୁଟେରା ମାନେ ଖସି ପଳାଉଥିବା ସମ୍ପର୍କରେ ଖବର ପାଇ ଢ଼େଙ୍କାନାଳ ସଦର ପୋଲିସର ଏକ ଟିମ୍ ସେମାନଙ୍କ ପିଛା କରି ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା । ଅନ୍ୟ ଜଣେ ଫେରାର୍ ହୋଇଯାଇଥିବା କୁହାଯାଉଛି । ଅଭିଯୁକ୍ତ ମାନଙ୍କ ନିକଟରୁ ୧ କୋଟି ୫ ଲକ୍ଷ ଟଙ୍କା ଉଦ୍ଧାର ହୋଇଛି ଏବଂ ୪ଟି ଦେଶୀ ବନ୍ଧୁକ ଜବତ ହୋଇଛି । ପ୍ରକାଶ ଥାଉ କି, ଭ୍ୟାନ୍ ଯୋଗେ ଏସବିଆଇର କେତେକ ଏଟିଏମରେ ଭରିବାକୁ ଏହି ଟଙ୍କା ନିଆଯାଉଥିବା ବେଳେ ବ୍ୟାଙ୍କ ଗାଡ଼ିକୁ ଟାର୍ଗେଟ୍ କରିଥିଲେ ଲୁଟେରା । ଘଟଣାରେ ଢ଼େଙ୍କାନାଳ ପୋଲିସ ଓ କଟକ ପୋଲିସର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ପୋଲିସ ଡିଜି ଅଭୟ । ପୋଲିସ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି।

## ଆର୍ଯ୍ୟନ ଖାନ୍‌ର ଜାମିନ ଆବେଦନ ଉପରେ ଶୁଣାଣି ବୁଧବାରକୁ ଘୁଂଚିଲା



ମୁମ୍ବାଇ,୧୧/୧୦ (ନି.ପ୍ର): କ୍ରୁଜ ସିପ୍‌ରେ ଡ୍ରଗ୍ସ ପାର୍ଟି ମାମଲାରେ ସୋମବାର ଦିନ ମୁମ୍ବାଇର ସତ୍ର ନ୍ୟାୟାଳୟ ଫିଲ୍ମ ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ର ଜାମିନ ଆବେଦନ ଉପରେ ଶୁଣାଣୀ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ କରିଛନ୍ତି। ସତ୍ର ନ୍ୟାୟାଳୟ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ(ଏନ୍‌ସିବି)କୁ ନିଜ ପକ୍ଷ ବୁଧବାର ସକାଳେ ରଖିବାର ଆଦେଶ ମଧ ଜାରି କରିଛନ୍ତି। ଆର୍ଯ୍ୟନ ଖାନ୍‌ର ଓକିଲ ସତୀଶ ମାନସିଂହ ସୋମବାର ଦିନ ସାମ୍ବାଦିକଙ୍କୁ କହିଛନ୍ତି ଯେ ଆଜି ସତ୍ର ନ୍ୟାୟାଳୟରେ ଜାମିନ ଆବେଦନ ଉପରେ ଶୁଣାଣୀ ହେଉଥିଲା। ଏହି ମାମଲାରେ ଏନ୍‌ସିବିର ଓକିଲ କହିଛନ୍ତି ଯେ ତାଙ୍କ ପକ୍ଷରୁ ଏହି ସମ୍ବନ୍ଧରେ ଦଶହରା ପୂର୍ବରୁ ନିଜ ପକ୍ଷ ରଖାଯିବ, କିନ୍ତୁ ଜଜ୍ ଏନ୍‌ସିବିକୁ ଏହି ମାମଲାରେ ନିଜ ପକ୍ଷ ବୁଧବାର ସକାଳ ପର୍ଯ୍ୟନ୍ତ ରଖିବାକୁ ଆଦେଶ ଦେଇଛନ୍ତି। ଏହାପରେ ଜଜ୍ ମାମଲାର ଶୁଣାଣୀ ବୁଧବାର ସକାଳ ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି। ମାନାସିଂଦେ କହିଛନ୍ତି ଯେ ବୁଧବାର ସକାଳେ ଏନ୍‌ସିବିର ପକ୍ଷ ରଖିବା ପରେ ମଧାହ୍ନକୁ ଆର୍ଯ୍ୟନ ଖାନ୍‌ଙ୍କ ଜାମିନ୍ ଉପରେ ଶୁଣାଣୀ ଆରମ୍ଭ ହେବ।

## ରାଜ୍ୟ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଶେଷ ହୋଇଛି । ବୈଠକରେ ୧୬ ପ୍ରସ୍ତାବକୁ ମଂଜୁରୀ ମିଳିଥିବା ନେଇ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ଅର୍ଥ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ସାଧାରଣ ପ୍ରଶାସନ, ଗୃହ ଓ ଅବକାରୀ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ପଂଚାୟତିରାଜ, ଶ୍ରମ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଷୋଡ଼ଶ ବିଧାନସଭାର ସତ୍ରାବସାନକୁ ମଧ ମଞ୍ଜୁରୀ ମିଳିଥିବା ନେଇ ସୂଚନା ମିଳିଛି । ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଓଡିଶା ଜିଲ୍ଲା ଆରକ୍ଷୀ ଅମଲା ସେବା (ନିଯୁକ୍ତି ପ୍ରଣାଳୀ ବଂ ଚାକିରି ସର୍ତାବଳୀ) ନିୟମାବଳୀ ୨୦୨୧ ପ୍ରସ୍ତୁତି କୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି ଜାତୀୟ ପେନସନ୍ ସିଷ୍ଟମ୍ ଅଧିନସ୍ଥ ରାଜ୍ୟ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ସରକାରଙ୍କ ମାସିକ ଅବଦାନକୁ ୧୦ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହା ୧.୪.୨୦୧୯ରୁ ଲାଗୁ କରାଯାଇଛି। ଏହା ଫଳରେ ୨.୦୮ ଲକ୍ଷ ରାଜ୍ୟ ସରକାରୀ କର୍ମଚାରୀ ଉପକୃତ ହେବେ। ସେବା ଅବଧି ମଧ୍ୟରେ ମୃତ୍ୟୁ କ୍ଷେତ୍ରରେ କର୍ମଚାରଙ୍କ ପରିବାରକୁ ଫ୍ୟାମିଲି ପେନସନ୍ ସୁବିଧା ପାଇପାରିବେ। ଓଡିଶା ବୈଧ ମାପ ବିଜ୍ଞାନ ସେବା (ନିଯୁକ୍ତି ପଦ୍ଧତି ଓ ଚାକିରୀ ସର୍ତାବଳୀ) ଅଧିନିୟମ ୨୦୨୧ ନାମରେ ଏକ ନୂତନ କ୍ୟାଡର ଅଧିନିୟମ ସଂଯୋଜନା କରାଯାଇଛି। ଏହାଦ୍ୱାରା ଓଡିଶା ବୈଧ ମାପ ବିଜ୍ଞାନ କ୍ୟାଡରର କାର୍ଯ୍ୟ ତଥା ସୁପରିଚାଳନା ତ୍ୱରାନ୍ୱିତହୋଇପାରିବ। ଓଡିଶା ଲୋକାୟୁକ୍ତଙ୍କ ଦ୍ୱାରା ଉପସ୍ଥାପିତ ୨୦୨୦ ବର୍ଷର ରିପୋର୍ଟ ଅନୁମୋଦନ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ ମିଳିଛି। ଏହାପରେ ଉକ୍ତ ରିପୋର୍ଟକୁ ଓଡିଶା ବିଧାନସଭାରେ ଉପସ୍ଥାପନ ▶▶ପୃଷ୍ଠା ୭

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଜେଇଙ୍କ ଘରେ ଭିଜିଲାନ୍ସ ଚଡାଉ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଗ୍ରାମ ପଂଚାୟତ ବୈଷୟିକ ସହାୟକ (ଜିପିଟିଏ) ବିକାଶ ବେହେରାଙ୍କ ଘରେ ଚଢାଉ କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆ ଯାଇଛି । ଏହି ଚଢାଉ ସମୟରେ ତାଙ୍କର ପ୍ରାୟ ୬୦ଟି ପ୍ଲଟ ସମେତ ଅନ୍ୟାନ୍ୟ ସମ୍ପତି ଥିବା ଜଣାପଡ଼ିଛି ।ଭିଜିଲାନ୍ସ ବିଭାଗରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଭିଜିଲାନ୍ସର ୩ଟି ଟିମ ବାଲାମସ୍ଥିତ ବିକାଶଙ୍କ ଘର ସମେତ ଜିଲ୍ଲାର ୩ଟି ସ୍ଥାନରେ ଏକ ସମୟରେ ଚଢଉ କରିଥିଲେ । ବର୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ବିକାଶଙ୍କର ଗୋଟିଏ ଦୁଇ ମହଲା କୋଠା, ୬୦ଟି ପ୍ଲଟ, ଗୋଟିଏ ଚାରିଚକିଆ ଯାନ ଅଛି । ଏହା ସହିତ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି । ଟିମରେ ୪ ଜଣ ଡିଏସପି, ୨ ଜଣ ଇନ୍ସପେକ୍ଟର ଅଛନ୍ତି ।

## ଜାମ୍ମୁ-କାଶ୍ମୀରର ପୁଞ୍ଛରେ ଗୁଳିବିନିମୟ

### ଜେସିଓ ସମେତ ୫ ଯବାନ ଶହୀଦ, ସର୍ଚ୍ଚ ଅଭିଯାନ ଜାରି



ପୁଂଛ,୧୧/୧୦ (ନି.ପ୍ର): ଜାମ୍ମୁ-କାଶ୍ମୀରର ପୁଂଛ ଜିଲ୍ଲାର ସୁରନକୋଟ ଅଂଚଳରେ ଦେରା ରୋଡ଼ରେ ସୋମବାର ସକାଳୁ ଜାରି ହୋଇଥିବା ତଲାସୀ ଅଭିଯାନ ସମୟରେ ଆରମ୍ଭ ହୋଇଥିବା ଗୁଳି ବିନିମୟରେ ସେନାର ଜୁନିୟର କମିଶନ ଅଫିସର(ଜେସିଓ) ସମେତ ପାଂଚ ଯବାନ ଶହୀଦ ହୋଇଛନ୍ତି। ଏହି ସମୟରେ ଏକ ଆତଙ୍କବାଦୀର ମୃତ୍ୟୁ ହୋଇଥିବାର ସୂଚନା ମିଳିଛି। ତେବେ ଏହି ଆତଙ୍କବାଦୀର ମୃତ୍ୟୁ ବିଷୟରେ ଆଧିକାରିକ ସୂଚନା ଦିଆଯାଇ ନାହିଁ। କୁହାଯାଉଛି ଯେ ସୁରକ୍ଷବଳର ଘେରାବନ୍ଦୀରେ ଚାରିରୁ ପାଂଚ ଆତଙ୍କବାଦୀ ଫଶି ରହିଛନ୍ତି। ଆତଙ୍କବାଦୀ ଗୁଳିବିନିମୟରୁ ଯେପରି ଯାଇନପାରିବେ ସେଥିପାଇଁ ଘେରାବନ୍ଦୀକୁ ଆହୁରି କଡ଼ାକଡ଼ି କରାଯାଇଛି। ଆଧିକାରିକ ସୂତ୍ରରୁ ମିଳିଥିବା ଖବର ମୁତାବିକ ସୋମବାର ସକାଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସୁରନକୋଟ ଅଂଚଳର ଦେରା ରୋଡ଼ରେ ଜଙ୍ଗଲରେ କେତେକ ସନ୍ଦିଗ୍ଧ ଲୋକଙ୍କ ଦେଖାଯିବାର ସୂଚନାର ଆଧାରରେ ଏସ୍‌ଓଜି ଏବଂ ସେନା ସଂଯୁକ୍ତ ଭାବରେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଜଙ୍ଗଲ ଅଂଚଳରେ ସୁରକ୍ଷାବଳ ଦ୍ୱାରା ଚାଲିଥିବା ଅଭିଯାନ ସମୟରେ ଘଂଚ ଜଙ୍ଗଲରେ ଲୁଚିଥିବା ଆତଙ୍କବାଦୀ ସୁରକ୍ଷାବଳ ଉପରେ ଗୁଳିଚାଳନା ଆରମ୍ଭ କରିଥିଲେ। ଏହି ସମୟରେ ▶▶ପୃଷ୍ଠା ୭

## ଦଶହରା, ଦୀପାବଳି, ବଡ ଏକାଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମାରେ ବନ୍ଦ ରହିବ ଶ୍ରୀମନ୍ଦିର



ଭୁବନେଶ୍ୱର,୧୧/୧୦(ନି.ପ୍ର): ଦଶହରା, ଦୀପାବଳି, ବଡ ଏକାଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମାରେ ବନ୍ଦ ରହିବ ଶ୍ରୀମନ୍ଦିର । ନଭେମ୍ବର ମାସରେ ମଧ ସବୁ ରବିବାର ବନ୍ଦ ରହିବ ଜଗା ଦର୍ଶନ । ଆଜି ବସିଥିବା ଛତିଶା ନିଯୋଗ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ଚଳିତ ମାସ ଦଶହରା ପାଇଁ ୧୫ ତାରିଖ ଦିନ ବନ୍ଦ ରହିବ ଦର୍ଶନ । ୨୦ ତାରିଖ ଦିନ କୁମାର ପୂର୍ଣ୍ଣିମାରେ ଶ୍ରୀମନ୍ଦିର ଖୋଲା ରହିବ । ନଭେମ୍ବର ମାସର ସମସ୍ତ ରବିବାର ସମେତ ଦୀପାବଳି, କାର୍ତ୍ତିକ ବଡ଼ ଏକାଦଶୀ, କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ । ଅନ୍ୟପଟେ ଆନନ୍ଦବଜାରରୁ କିଭଳି ଶୃଙ୍ଖଳିତ ଭାବେ ଭକ୍ତମାନେ ମହାପ୍ରସାଦ ପାଇପାରିବେ ସେନେଇ ଗୁରୁତ୍ୱ ଦେଇଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ । କୋଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କୁ ପକ୍ଷରୁ କରାଯାଉଥିବା ହବିଷିଆଳି ଯୋଜନା ଚଳିତ ବର୍ଷ ବନ୍ଦ ରହିବ । କରୋନା ମହାମାରୀ ସମୟରେ ପୁରୀକୁ ନଆସିବା ପାଇଁ ଅନୁରୋଧ କରାଯାଇଛି । ଅନ୍ୟପଟେ କୁମାର ପୂର୍ଣ୍ଣମାରୁ ସେବାୟତ ମାନେ ପାରମ୍ପାରିକ ବେଶରେ ଭିତର କାଠର ଗର୍ଭଗୃହକୁ ଯାଇପାରିବେ ।

## ସ୍ୱିସ୍ ବ୍ୟାଙ୍କ ଜାରି କଲା ଭାରତୀୟ ଖାତା ଧାରକଙ୍କ ତୃତୀୟ ତାଲିକା

ନୂଆଦିଲ୍ଲୀ,୧୧/୧୦: କଳାଧନ ବିରୋଧରେ କେନ୍ଦ୍ର ସରକାରଙ୍କୁ ଆଉଏକ ସଫଳତା ମିଳିଛି । କଳାଧନକୁ ନେଇ ସ୍ୱିଜରଲାଣ୍ଡ ସହ ହୋଇଥିବା ଚୁକ୍ତି ମୁତାବକ ଏବେ ସ୍ୱିସ୍ ବ୍ୟାଙ୍କରେ ଥିବା ଭାରତୀୟ ଖାତା ଧାରକଙ୍କ ତୃତୀୟ ତାଲିକା ପ୍ରକାଶ ପାଇଛି । ଏନେଇ ସ୍ୱିଜରଲାଣ୍ଡ ସରକାର କହିଛନ୍ତି କି ଏହି ତାଲିକାରେ ୯୬ ଟି ଦେଶର ୩୩ ଲକ୍ଷ ଖାତା ଧାରକଙ୍କ ସୂଚନା ଦିଆଯାଇଛି । ଏହି ୯୬ ଟି ଦେଶ ମଧ୍ୟରୁ ଭାରତୀୟ ଖାତା ଧାରକଙ୍କ ସୂଚନା ସ୍ୱିଜରଲାଣ୍ଡ ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଛି । ସ୍ୱିଜରଲାଣ୍ଡର ସଂଘୀୟ କର ପ୍ରଶାସନ ଏହି ବର୍ଷ ବୈଷୟିକ ମାନଦଣ୍ଡ ଢାଞ୍ଚାରେ ଆର୍ଥିକ ଖାତା ଧାରକଙ୍କ ସୂଚନା ଦେଇଛି । ଏହା ପୂର୍ବରୁ ଅକ୍ଟୋବର ୨୦୨୦ ରେ ବି ୮୬ ଟି ଦେଶର ୩୧ ଲକ୍ଷ ଖାତା ଧାରକଙ୍କ ସୂଚନା ସେୟାର କରାଯାଇଥିଲା । ଏହାପୂର୍ବରୁ ୨୦୧୯ ସେପ୍ଟେମ୍ବର ମାସରେ ବି ସ୍ୱିଜରଲାଣ୍ଡ ସରକାର ୭୫ ଟି ଦେଶର ଖାତା ଧାରକଙ୍କ ନାମ ସେୟାର କରିଥିଲା । ସଂଘୀୟ କର ପ୍ରଶାସନ ଏହି ସନ୍ଦର୍ଭରେ ସୋମବାର କହିଛନ୍ତି କି ଚଳିତ ବର୍ଷ ଅଧିକ ୧୦ ଟି ଦେଶକୁ ସେମାନଙ୍କ ଖାତା ଧାରକଙ୍କ ବାବଦରେ ସୂଚନା ଦିଆଯାଇଛି । ▶▶ପୃଷ୍ଠା ୭

## ଓଡିଶାରୁ ଫେରୁଛି ମୌସୁମୀ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତନ ଆରମ୍ଭ ହୋଇସାରିଛି । ଏବେ ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର ଓ ନୂଆପଡ଼ାରୁ ମୌସୁମୀ ସଂପୂର୍ଣ୍ଣଭାବେଫେରିଯାଇଛି । ସେହପରି ଅନୁଗୁଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର,ଢେଙ୍କାନାଳ ଓ ମୟୁରଭଞ୍ଜର ଅଧାରୁ ଅଧିକ ଅଂଚଳରୁ ମୌସୁମୀ ପ୍ରତ୍ୟାବର୍ତନ କରିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଆସନ୍ତା ଦୁଇ ଦିନରେ ରାଜ୍ୟର ଅବଶିଷ୍ଟ ଜିଲ୍ଲାଗୁଡ଼ିକରୁ ମୌସୁମୀର ପ୍ରତ୍ୟାବର୍ତନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ,ଜୁନ୍ ୩ ତାରିଖରେ କେରଳ ଛୁଇଁଥିଲା ମୌସୁମୀ ବାୟୁ। ମୌସୁମୀ କେରଳ ଛୁଇଁବାର ପାଖାପାଖି ୧୦ ଦିନ ପରେ ଓଡ଼ିଶାରେ ପହଂଚିଥିଲା।

# ବିଜେପି ପଞ୍ଚାୟତ ନିର୍ବାଚନରେ ବିଜେଡିର ଦୁର୍ନୀତି ପ୍ରସଙ୍ଗରେ ଲୋକଙ୍କ ପାଖକୁ ଯିବ

ଭଦ୍ରକ,୧୧/୧୦ (ନି.ପ୍ର): ଗତ ଦୁଇଦିନ ଧରି ବିଜେପିର ସାଂଗଠନିକ କର୍ମଶାଳା ଭଦ୍ରକଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦଳର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏବଂ ଭଦ୍ରକ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ବିରୋଧୀ ଦଳର ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ପ୍ରଦୀପ ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳ, ବାସୁଦେବପୁର ବିଧାନସଭା ନେତା ନର୍ବାଚନ ମଣ୍ଡଳୀ ନେତା ମାଧବାନନ୍ଦ ମଲ୍ଲିକ, ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀ, ଭଦ୍ରକ ସଂସଦୀୟ କ୍ଷେତ୍ର ନେତା ଅଭିମନ୍ୟୁ ସେଠୀ, ଭଦ୍ରକ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମନୋଜ ମଲ୍ଲିକ, ଶଶୀକାନ୍ତ ବିଶ୍ୱାଳ, ଦୁର୍ଗାପ୍ରସନ୍ନ ଦାସ ପ୍ରମୁଖ ଏକ ମାରାଥନ ବୈଠକ ସାମିଲ ହୋଇ କିପରି ପଞ୍ଚାୟତ ନିର୍ବାଚନ ଲଢାଯିବ ସେ ବିଷୟରେ ବିଚାର ବିମର୍ଷ କରିଥିଲେ । ଉପରୋକ୍ତ ନେତୃମଣ୍ଡଳୀ ମିଳିତ ଭାବେ କିପରି ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି କରାଯିବ ସେ ବିଷୟରେ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରଥମେ ତୃଣମୂଳ ସ୍ତରରେ ୱାର୍ଡ କମିଟିମାନ ଗଠନ କରାଯିବ, ତା'ପରେ ପଞ୍ଚାୟତ କମିଟି ଗଠନ କରାଯିବ, ତା'ପରେ ମଣ୍ଡଳ କମିଟି କରାଯିବ ବୋଲି ବୈଠକରେ ସ୍ଥିରିକୃତ ହୋଇଥିଲା । ପ୍ରତ୍ୟେକ ୱାର୍ଡ କମିଟିରେ ଅନ୍ୟୁନ ୧୫ଜଣ କାର୍ଯ୍ୟକର୍ତ୍ତା ରହିବେ ବୋଲି ନିଷ୍ପତି ନିଆଯାଇଥିଲା । ପଞ୍ଚାୟତ ସଂରକ୍ଷଣ ତାଲିକା ପ୍ରକାଶ ପାଇ ସାରିଥିବା ବେଳେ ଏହା ବିରେଧରେ ଆସନ୍ତା ୧୬ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ସରକାର ଧାର୍ଯ୍ୟ କରିଥିବାରୁ ଏ ସଂକ୍ରାନ୍ତରେ ଆଇନଗତ ଦିଗ ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଇବାକୁ ବଦ୍ରି ନାରାୟଣ ଧଳ ଏବଂ ମନୋଜ ମଲ୍ଲିକଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଥିଲା । କର୍ମଶାଳାର ଦ୍ୱିତୀୟ ସଭାରେ ଜିଲ୍ଲାର ସମସ୍ତ ମୋର୍ଚ୍ଚାର ସଭାପତିମାନଙ୍କ ସହ ଜିଲ୍ଲା ପ୍ରଭାରୀ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ବିଚାର ବିମର୍ଶ କରିଥିଲେ । ଆଗାମୀ ୧୫ ଦିନ ମଧ୍ୟରେ ସମସ୍ତ ମଣ୍ଡଳ କମିଟି କେମିତି ଗଠନ କରାଯିବ ସେ ବିଷୟରେ ମୋର୍ଚ୍ଚାର ସଭାପତିମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଏହି କମିଟିମାନ ହୋଇ ସାରିବା ପରେ ପ୍ରତ୍ୟେକ ମଣ୍ଡଳରେ ସାଧାରଣ ସଭାମାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ପରେ କର୍ମକର୍ତ୍ତାମାନେ ଭଣ୍ଡାରିପୋଖରୀର ଏକ ପଞ୍ଚାୟତକୁ ଗସ୍ତ କରି ସେଠାରେ ସ୍ଥାନୀୟ



କାର୍ଯ୍ୟକର୍ତ୍ତାଙ୍କ ସହ ମତ ବିନିମୟ କରିଥିଲେ । ସମସ୍ତ କର୍ମୀ ବିଜେଡିର ଆବାସ ଦୁର୍ନୀତି, ପାଇଖାନା ଦୁର୍ନୀତି ଏବଂ ପଞ୍ଚଦଶ ଅର୍ଥ କମିଶନରେ ପଞ୍ଚାୟତକୁ ଆସିଥିବା ଟଙ୍କା କିପରି ହରିଲୁଟ ହୋଇଛି ସେ ବିୟେରେ ବିସ୍ତୃତ ଭାବରେ ପ୍ରକାଶ କରିଥିଲେ । କର୍ମଶାଳାର ଦ୍ୱିତୀୟ ଦିବସରେ ଜିଲ୍ଲା ପ୍ରଭାରୀ, ରାଜ୍ୟ ସମ୍ପାଦକ, ଜିଲ୍ଲା ସଭାପତି, ଜିଲ୍ଲା ଉପସଭାପତି, ସାଧାରଣ ସମ୍ପାଦକମାନେ ବିଜେପିର ପୂର୍ବତନ ସଭାପତି ରାୟ ରାମାନନ୍ଦ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ତାଙ୍କୁ ସାକ୍ଷାତ କରି ତାଙ୍କର ସୁଚିନ୍ତିତ ମତାମତ ନେଇଥିଲେ । ପରେ ଏକ ବାଇକ ଶୋଭାଯାତ୍ରାରେ ଯାଇ ମା' ଭଦ୍ରକାଳୀଙ୍କ ଦର୍ଶନ କରି ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । ଖଣ୍ଡତଢ଼ା ପଞ୍ଚାୟତରେ କିପରି ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ କାର୍ଡ ତିଆରି କରି ଲୋକମାନଙ୍କୁ ମାଗଣାରେ ଦେଉଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଭଦ୍ରକ ଠାରେ ଭଦ୍ରକ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ କର୍ମଶାଳା ସୀତାରାମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମୀମାନଙ୍କୁ କିପରି ପଞ୍ଚାୟତ ନିର୍ବାଚନ ଲଢାଯିବ, ସେ ବିଷୟରେ ସୁଚିନ୍ତିତ ମତାମତ ଦେଇଥିଲେ । ୱାର୍ଡ ସ୍ତରରୁ କମିଟି ମାନ ଗଠନ ହେଲେ ବିଜେପିର ବିଜୟ ସୁନିଶ୍ଚିତ ହେବ ବୋଲି ମତ ପ୍ରକାଶ ପାଇଥିଲା । ପରେ ପ୍ରତ୍ୟେକ ମଣ୍ଡଳର ପ୍ରଭାରୀ ଏବଂ ମୋର୍ଚ୍ଚାର ପ୍ରଭାରୀମାନଙ୍କ ସହ ବିଭିନ୍ନ ସାଂଗଠନିକ ଆଲୋଚନା କରିଥିଲେ । ଏହି ଆଲୋଚନାରେ ମହିଳାମୋର୍ଚ୍ଚା ପ୍ରଭାରୀ ଭଗବାନ ପଣ୍ଡା, ଯୁବମୋର୍ଚ୍ଚା ପ୍ରଭାରୀ ଶରତ ପଢିଆରୀ, ଓବିସି ମୋର୍ଚ୍ଚା ପ୍ରଭାରୀ ବୁଦ୍ଧଦେବ ଜେନା ପ୍ରମୁଖ ଭାଗ ନେଇ ମତାମତ ପ୍ରଦାନ କରିଥିଲେ । ଏଥିଷର ପଞ୍ଚାୟତ ନିର୍ବାଚନରେ ବିଜେଡିର ବ୍ୟାପକ ଦୁର୍ନୀତି ଏବଂ କେନ୍ଦ୍ର ଦେଉଥିବା ପାଣ୍ଠିର ହରିଲୁଟ ବିଷୟରେ ଲୋକମାନଙ୍କୁ ଅବଗତ କରାଯାଇ ନିର୍ବାଚନ ଲଢାଯିବ ବୋଲି ସ୍ଥିର ହୋଇଛି । ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ଦଳ ପକ୍ଷରୁ ୱାର୍ଡ ସ୍ତରରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସମସ୍ତ ଆସନରେ ପ୍ରାର୍ଥୀ ଦିଆଯିବାକୁ ସ୍ଥିର କରାଯାଇଥିଲା । ଏହି କର୍ମଶାଳାରେ ବିଜେପିର ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ମିଡିଆ ସେଣ୍ଟର ସଭାପତି, ବୌଦ୍ଧିକ ସେଣ୍ଟର ସଭାପତି. ଲିଗାଲ ସେଲ ସଭାପତି, ସୋସିଆଲ ମିଡିଆ ସେଲ ସଭାପତି, ଆଇଟି ସେଲ ସଭାପତି ପ୍ରମୁଖ ଯୋଗ ଦେଇଥିଲେ । ମଣ୍ଡଳ ସଭାପତି ପ୍ରଭାକର ସାମଲ, ଉତ୍ତମ ପାତ୍ର, ଆଦିକନ୍ଦ ନାୟକ, ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## କଣାସ ପଚାଂୟତ ସମିତିର ସରପଚଂ ଓ ସମିତି ସଭ୍ୟ ସଂରକ୍ଷଣ ତାଲିକା ପ୍ରକାଶ

କଣାସ,୧୧/୧୦ (ନି.ପ୍ର): ଆସନ୍ତା ଫେବୃଆରୀ ମାସରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ପଚାଂୟତ ସ୍ତରରେ ନିର୍ବାଚନ ପାଇଁ ବିଭିନ୍ନ ଦଳ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିବା ବେଳେ ଗତକାଲି ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣାସ ବ୍ଲକର ନିର୍ବାଚନ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିବା ଜଣାପଡିଛି । ତଦନୁଯାୟୀ, ଅଣ୍ଡାରସିଂହ ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ ମହିଳା, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ, ଅଁଳାଯୋଡି ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ ମହିଳା, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ ମହିଳା, ଆଳିବାଡ ଗ୍ରାମପଚାଂୟତର ସରପଚଂ ପାଇଁ ଅନୁସୂଚିତ ଜାତି ମହିଳା, ସମିତି ସଭ୍ୟ ପାଇଁ ଅନୁସୂଚିତ ଜାତି, କଣାସ ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ, ସମିତି ସଭ୍ୟ ପାଇଁ ଅଣସଂରକ୍ଷିତ, କାଦୁଆ ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ଖଣ୍ଡହତା ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ଗଡଖାରଦ ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ ମହିଳା, ଗଡବଡପୁଟ ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ ମହିଳା, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ଗଡବଳଭଦ୍ରପୁର ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ ମହିଳା, ଗଡସାନପୁଟ ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ମହିଳା, ଗଡସାହି ଗ୍ରାମପଚାଂୟତର ସରପଚଂ ପାଇଁ ଅନୁସୂଚିତ ଜାତି, ସମିତି ସଭ୍ୟ ପାଇଁ ଅନୁସୂଚିତ ଜାତି, ଗଡିଶାଗୋଦା ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ ମହିଳା, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ, ଗୋପିନାଥପୁର ଗ୍ରାମପଚାଂୟତର ସରପଚଂ ପାଇଁ ଅନୁସୂଚିତ ଜାତି, ସମିତି ସଭ୍ୟ ପାଇଁ ଅନୁସୂଚିତ ଜାତି ମହିଳା, ଚୁପୁରିଙ୍ଗି ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ ମହିଳା, ତ୍ରିଲୋଚନପୁର ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ପଛୁଆ ବର୍ଗ, ଦିବ୍ୟସିଂହପୁର ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ମହିଳା, ଦେଇପୁର ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ । ସେହିପରି ଦୋକନ୍ଦା ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ମହିଳା, ଦୋଛିଆଁ ଗ୍ରାମପଚାଂୟତର ସରପଚଂ ପାଇଁ ପଛୁଆ ବର୍ଗ, ସମିତି ସଭ୍ୟ ପାଇଁ ମହିଳା, ପାଣ୍ଡିଆକେରା ଗ୍ରାମପଚାଂୟତର ସରପଚଂ ପାଇଁ ଅନୁସୂଚିତ ଜାତି ମହିଳା, ସମିତି ସଭ୍ୟ ପାଇଁ ଅନୁସୂଚିତ ଜାତି ମହିଳା, ବକ୍ସୁ ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ବଡାସ ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ମହିଳା, ବଡାଲ ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ବିଜିପୁର ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ଅଣ ସଂରକ୍ଷିତ, ବିନ୍ଧଣ ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ମହିଳା, ଯାମଳଗୋଦା ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା, ସମିତି ସଭ୍ୟ ପାଇଁ ମହିଳା, ସାହୁପଡା ଗ୍ରାମପଚାଂୟତର ସରପଚଂ ପାଇଁ ଅଣ ସଂରକ୍ଷିତ, ସମିତି ସଭ୍ୟ ପାଇଁ ଅନୁସୂଚିତ ଜନଜାତି ମହିଳା, ସିରେଇ ଗ୍ରାମପଚାଂୟତର ସରପଚଂ ପାଇଁ ମହିଳା ଏବଂ ସମିତି ସଭ୍ୟ ପାଇଁ ଅଣସଂରିକ୍ଷତ ତାଲିକା ପ୍ରକାଶ ପାଇଥିବା ଜଣାପଡିଛି ।

## ଜନ ସଚେତନ ମଂଚର ନୂଆଖାଇ ଭେଟଘାଟ୍

ନୂଆପଡା,୧୧/୧୦ (ନି.ପ୍ର): ନୂଆପଡା ଜିଲ୍ଲା ତିଖାଲି ଆଇବି ପରିସରରେ ଲୋୟର ଇନ୍ଦ୍ର ଜନ ସଚେତନ ମଂଚ, କୋନାବିରାର ବନ୍ଧୁ ମିଳନର ପର୍ବ ନୂଆଖାଇ ଭେଟଘାଟ୍ ଆୟୋଜିତ ହୋଇଯାଇଛି । ଏଥିରେ ଜନ ସଚେତନ ମଂଚର ସଭାପତି ନୀଳକଣ୍ଠ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥି ଭାବରେ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, କୋମନା ବ୍ଲକ ଅଧକ୍ଷ ତଥା ବିଜେଡି ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ପେଣ୍ଡରାବନ ସରପଚଂ ଅମରେଶ ପଟ୍ଟନାୟକ, କୋନାବିରା ସରପଚଂ ଈଶ୍ୱର ଚନ୍ଦ୍ର ନାଏକ, କୋନାବିରା ସମିତି ସଭ୍ୟ ହୁକମନ ଜାନୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରସନ୍ନ ପାଢୀ, ଜନ ସଚେତନ ମଂଚର ସଂପାଦକ କିଶୋର କୁମାର କଠାର ପ୍ରମୁଖ ଯୋଗଦାନ କରିଥିଲେ । ବୁଡି ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ଆଲୋଚନା କରାଯାଇଥିଲା । ଆଂଶିକ ଓ ସମ୍ପୂର୍ଣ୍ଣ ବୁଡି ଅଂଚଳ ଗାଁର ବିସ୍ଥାପିତ ଓ କ୍ଷତିଗସ୍ତ ଯୋଗଦାନ କରିଥିଲେ ।

## ଦୀର୍ଘ ୩୦ ବର୍ଷ ପରେ କଂଗ୍ରେସ ଦଳରୁ ଇସ୍ତଫା ଦେଲେ ନୀଳକଣ୍ଠ ଝୋଲା

ମାଲକାନଗିରି,୧୧/୧୦ (ନି.ପ୍ର): ନିରବଚ୍ଛିନ୍ନ ଭାବେ ଦୀର୍ଘ ୩୦ ବର୍ଷ କାଳ କଂଗ୍ରେସରେ ରହିଥିବା ମାଲକାନଗିରି ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନୀଳକଣ୍ଠ ଝୋଲା ତାଙ୍କ ପ୍ରାଥମିକ କଂଗ୍ରେସ ସଦସ୍ୟ ପଦରୁ ଇସ୍ତଫା ପତ୍ର ଆଜି ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ରଙ୍କୁ ପ୍ରେରଣ କରିଥିବା ଜଣାପଡିଛି । ଫଳରେ ମାଲକାନଗିରି ବ୍ଲକରେ କଂଗ୍ରେସର ଦୁର୍ଗ ଧୀରେ ଧୀରେ ଭୁଶୁଡି ପଡିବାରେ ଲାଗିଛି । ସୂଚନାରୁ ପ୍ରକାଶ ଯେ, ନୀଳକଣ୍ଠ ଝୋଲା ଆଦିବାସୀ ସଂପ୍ରଦାୟରେ ଜଣେ ଜଣାଶୁଣା ଟାଣୁଆ ନେତା ଭାବେ ସୁପରିଚିତ । ସେ ୧୯୯୨ ମସିହାରୁ ୧୯୯୭ ମସିହା ପର୍ଯ୍ୟନ୍ତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ପ୍ରଥମେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରବର୍ତୀ ସମୟରେ ଜିଲ୍ଲା ପରିଷଦ ସଭ୍ୟ ପଦବୀରେ ନିର୍ବାଚିତ ହୋଇ ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରି ଜନତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ତାଙ୍କର ଦ୍ରୁତ ଲୋକପ୍ରିୟତା ଯୋଗୁଁ ବୀରଲକ୍ଷ୍ମଣ ପୁର ପଚାଂୟତରେ ୨୦୦୨ ରୁ ୨୦୦୭ ଏବଂ ୨୦୦୭ ରୁ ୨୦୧୨ ପର୍ଯ୍ୟନ୍ତ ଲଗାତର ଭାବେ ଦୁଇ ଥର ସରପଚଂ ହେବାର ଗୌରବ ଅର୍ଜନ କରିଥିଲେ । ତାଙ୍କର ପ୍ରତ୍ୟେକ୍ଷ ପ୍ରଚେଷ୍ଟାରେ ବୀରଲକ୍ଷ୍ମଣ ପୁର ପଚାଂୟତରେ ରାସ୍ତା ଘାଟର ନିର୍ମାଣ, ପାନୀୟ ଜଳ ଯୋଗାଣ, ଗ୍ରାମାଂଚଳକୁ ବିଦ୍ୟୁତିକରଣ ସମ୍ଭବ ହୋଇ ପାରିଥିଲା । ଏହା ବ୍ୟତୀତ ଆଦିବାସୀ ପିଲାମାନଙ୍କ ଉଚ୍ଚ ଶିକ୍ଷା ଲାଗି ସେ ତତ୍ପରତା ଦେଖାଇ ଥାପାଗୁଡା ଗ୍ରାମରେ ପ୍ରତିଷ୍ଠା କଲେ "ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ଝୋଲା ଉଚ୍ଚ ବିଦ୍ୟାଳୟ" । ଫଳରେ ପିଲାମାନେ ନିଜ ଗାଁ ନିକଟରେ ଉଚ୍ଚ ଶିକ୍ଷା ପାଇପାରିଲେ । ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସେ ନିଜ ଗ୍ରାମରେ ଥିବା ଜମିକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦେଇଥିଲେ । ଶ୍ରୀ ଝୋଲା ଜଣେ ସୁସଂଗଠକ, ସମାଜସେବୀ ଭାବେ ଏ ଅଂଚଳରେ ଚର୍ଚ୍ଚିତ ଚେହେରା । ଆଜି ସେ କଂଗ୍ରେସରୁ ଇସ୍ତଫା ଦେଇଥିବା ଯୋଗୁଁ କଂଗ୍ରେସର ଦୁର୍ଗ ପତନ ଘଟିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଅନ୍ୟ ପକ୍ଷରେ କିଛି ଦିନ ତଳେ କଂଗ୍ରେସର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ ମଧ୍ୟ ଦଳରୁ ଇସ୍ତଫା ଦେଇଥିଲେ ।

## ଜିଲ୍ଲା ବଜେଡିର ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

କେନ୍ଦ୍ରାପଡ଼ା ,୧୧/୧୦ (ନି.ପ୍ର): ଜିଲ୍ଲା ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ଆଜି ସ୍ଥାନୀୟ ଟାଉନହଲରେ ସାମ୍ମୁଖ୍ୟର ଆବାହାକ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ , ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ଶଶିଭୂଷଣ ବେହେରା ବିଧାୟକ କେନ୍ଦ୍ରାପଡା, ସମ୍ମାନନୀୟ ଅତିଥି ଭାବେ ପ୍ରତାପ କେଶରୀ ଦେବ ବିଧାୟକ ଆଳି, ଅତନୁ ସବ୍ୟସାଚୀ ନାୟକ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ମହାକାଳପଡା, ଧ୍ରୁବ ଚରଣ ସାହୁ ବିଧାୟକ ରାଜନଗର, ସାବିତ୍ରୀ ଅଗ୍ରୱାଲା ବିଧାୟିକା ପାଟକୁରା, ଜିଲ୍ଲା ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତି ବକ୍ତବ୍ୟରେ ଆଇନଜୀବୀମାନେ ଏଭଳି ଏକ ସଙ୍ଗଠନ ମାଧ୍ୟମରେ ଏକତ୍ର ହୋଇ ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କ ଦାବି ଗୁଡିକ ଉପସ୍ଥାପନ କଲେ ଦାବି ପୂରଣ ହୋଇପାରିବ । ତୁରନ୍ତ ପଂଚାୟତ ନିର୍ବାଚନ ପୂର୍ବରୁ ପ୍ରତି ପଂଚାୟତରେ ମଧୁବାବୁ ଆଇନ ସହାୟତାରେ ଆଇନଜୀବୀ ମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା ନମନ୍ତେ ପ୍ରତିଶୃତି ଦେଇଥିଲେ ଦେବାଶିଷ ସାମନ୍ତରାୟ । କଂଗ୍ରେସର ଜିଲ୍ଲା ଲିଗାଲସେଲର ସଭାପତି ରବି ନାରାୟଣ ମହାନ୍ତି ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳ ଆଇନ ସାମ୍ମୁଖ୍ୟରେ ଯୋଗଦେଇଥିଲେ । ଏହି ସଭାରେ ଅତିଥି ପରିଚୟ ମନୋଜ ସାହୁ ପ୍ରଦାନ କରିଥବା ବେଳେ, ଗୋକୁଳି ଦାସ ଦାବି ଉପସ୍ଥାପନ କରିଥଲେ, ବରିଷ୍ଠ ଆଇନଜୀବୀ ଦେବଦାସ ମହାନ୍ତି, ଗଗନ ବିହାରୀ ଜେନା, ରଂଜନ କୁମାର ପଣ୍ଡା, ରମାକାନ୍ତ ସ୍ୱାଇଁ, ସ୍ମୃତି ରଂଜନ ସିଂ, ବ୍ରଜ ସୁନ୍ଦର ରାଉତ, ପ୍ରଭାତ ପ୍ରଧାନ, ଅରୁଣ ପ୍ରସାଦ ଦାସ, ନିରଞ୍ଜନ ବଳ, ଉମାକାନ୍ତ ଲେଙ୍କା, ସୁରେଶ ନାୟକ, ଦିନେଶ ରାଜ ସିଂ, ହାଡିବନ୍ଧୁ ସିଂ, ମୋହନ ସାହୁ, ହିରଣ୍ୟ ପଣ୍ଡା, ମଙ୍ଗଳ ବରଣ ସିଂ, ଦିଲ୍ଲୀପ ପରିଡା, ରେଣୁ ବାଳା ସାମଲ, ଅଞ୍ଜନା ମହାନ୍ତି,ଭୀମସେନ ପ୍ରଧାନ, ଚିରଂଜିବି ଦାସ, ଉମେଶ ଦାସ, ଦେବଦାସ ମହାନ୍ତି,ସଂଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଲିଗାଲଫ୍ରଂଟର କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' କୁଞ୍ଜେଶ୍ୱରୀ ବର୍ଷକରେ ୭ ଦିନ କାଠି ଦେବତା ଭାବେ ପୂଜା ପାଆନ୍ତି

କଣାସ,୧୧/୧୦ (ନି.ପ୍ର): ପୁରୀ ଜିଲ୍ଲା କଣାସ ଅଂଚଳର ଆରାଧ୍ୟ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କର ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଉଥିବା ବେଳେ ଆଶ୍ୱିନ ମାସର ୧୬ ପୂଜାରେ ମା ୭ଦିନ ଧରି କାଠି ଦିଅଁ ଭାବେ ପୂଜା ପାଆନ୍ତି । ୧୬ ପୂଜାର ଶୁକ୍ଳପକ୍ଷ ଦ୍ୱିତୀୟା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ପ୍ରତିବର୍ଷ ମା କୁଞ୍ଜେଶ୍ୱରୀ କାଠିଦିଅଁ ଭାବେ ଭକ୍ତମାନଙ୍କୁ ଦର୍ଶନ ଦେବା ସହିତ ୫ମୀ, ୬ଷ୍ଠୀ, ୭ମୀ, ୮ମୀ ପ୍ରଭୃତି ଚାରି ତିଥିରେ ମା କାଠିଦିଅଁ ଭାବେ ୧୬ ଖଣ୍ଡ ଗ୍ରାମବୁଲି ଦୁଆରି ଭୋଗ ଖାଉଥିବା ବେଳେ ଦ୍ୱିତୀୟା, ତୃତୀୟା ଓ ଚତୁର୍ଥୀ ତିଥିରେ କାଠିଦିଅଁ ମନ୍ଦିରରେ ରହି ପ୍ରତିବର୍ଷ ପୂଜା ପାଉଥିବା ବେଳେ ପୂର୍ବରୁ ଚାଲି ଆସୁଥିବା ପ୍ରଥା ଅନୁଯାୟୀ ଦ୍ୱିତୀୟା ତିଥିରେ ଠାକୁରାଣୀଙ୍କ ୧୬ଫୁଟ୍ ଲମ୍ୱର ଏକ ବାଉଁଶ କାଠି ବାଲିପାଟଣା ଗ୍ରାମର ସୁବୁଦ୍ଧି ପରିବାରରୁ ମାଙ୍କ ସେବକ ଏବଂ ପୂଜାରୀ ପୂଜାଅର୍ଚ୍ଚନା କରି ଆଣିବାପରେ ମନ୍ଦିରରେ ପ୍ରଥା ଅନୁଯାୟୀ ବିଶ୍ୱକର୍ମା କାଠିଦିଅଁ ଖୋରା କରିବା ପରେ ସେବକମାନେ କାଠିକୁ ଗଙ୍ଗାଜଳରେ ଧୋଇବା ପରେ ଫୁଲ, ଚନ୍ଦନ ଅଗୁର ଦେଇ ମାଙ୍କର ନୂତନ ବସ୍ତ୍ର କାଠିସାରା ପିନ୍ଧାଇବା ପରେ ମାଙ୍କ ନିକଟରେ କାଠିକୁ ସମର୍ପଣ କରି ବେଢା ପରିକ୍ରମା କରାଇଥାନ୍ତି । ଏହି କାଠିଦେବତାଙ୍କୁ ଦର୍ଶନ କରିବା ପାଇଁ ଅଂଚଳର ବହୁଭକ୍ତ ରୁଣ୍ଡ ହୁଅନ୍ତି । ହେଲେ ଚଳିତ ବର୍ଷ ପ୍ରଶାସନର କୋଭିଡ୍ କଟକଣା ଯୋଗୁଁ ସ୍ୱଳ୍ପ ସଂଖ୍ୟକ ସେବାୟତ କାଠିଦିଅଁଙ୍କ ସେବା କରୁଥିବା ଦେଖିବାକୁ ମିଳିଥିଲା ।

## ପୂର୍ବ ସାଂସଦ ବୈଜୟନ୍ତଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା ,୧୧/୧୦ (ନି.ପ୍ର): କେନ୍ଦ୍ରାପଡାର ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ବିଜେପି ଜିଲ୍ଲା କମିଟି ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି । ଜାତୀୟ ସ୍ତରରେ ଏନସିସି ର ଉଚ୍ଚ ସ୍ତରୀୟ ରିଭ୍ୟୁ କମିଟିର ଚେୟାରମ୍ୟାନ ଦାୟିତ୍ୱ ମିଳିବା ପରେ ଶ୍ରୀ ପଣ୍ଡାଙ୍କର ଏହା ପ୍ରଥମ କେନ୍ଦ୍ରାଡା ଗସ୍ତ ହେଇଥିବା ବେଳେ ଦଳ ପକ୍ଷରୁ ଗରାପୁର ଠାରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇ ଥିଲା । ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ବୈଦନାଥ ଚାଟାର୍ଜୀ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, ପ୍ରିୟଦର୍ଶନୀ ନନ୍ଦ, ବିନ୍ଦୁ ସାଗର ଦାସଙ୍କ ସମେତ ବିଭିନ୍ନ ମଣ୍ଡଳ ସ୍ତରରୁ ଆସିଥିବା ଶତାଧିକ କର୍ମକର୍ତା ଶ୍ରୀ ପଣ୍ଡାଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## ବିଜ୍ଞାନ ଓ ଡିଜିଟାଲ ଯୁଗରେ ତ୍ୟାଗ, ସେବା ଓ ସଂସ୍କୃତିକୁ ଯୁବ ପିଢିମାନେ ମନେ ରଖିଛନ୍ତି

ଧର୍ମଶାଳା,୧୧/୧୦ (ନି.ପ୍ର): ବିଜ୍ଞାନ ଓ ଡିଜିଟାଲ ଯୁଗରେ ତ୍ୟାଗ ,ସେବା ଓ ଗୋପବନ୍ଧୁଙ୍କ ଲୋକ ସେବା କାର୍ଯ୍ୟ ଆଜି ବି ଯୁବ ପୀଢିମାନେ ମନେ ରଖିଛନ୍ତି । ଗରୀବମାନଙ୍କ ପାଇଁ ମାନସିକ ଓ ହୃଦୟର ବିକାଶ ହୋଇଥିଲା କେବଳ ଗୋପବନ୍ଧୁଙ୍କ ପାଇଁ । ଝଡି,ମରୁଡି ଓ ବଢିର ଆଜି ପର୍ଯ୍ୟନ୍ତ ସାମାଧାନ ହୋଇପାରି ନାହିଁ ବୋଲି ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତର ଖଣ୍ଡାସସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୪ ତମ ଜୟନ୍ତୀ ଜନ୍ତୋତ୍ସବରେ ଅତିଥିମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି । ଏହି ଜୟନ୍ତୀ ଉତ୍ସବରେ ଗୋପବନ୍ଧୁ କ୍ଳବର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ, ମୁଖ୍ୟବକ୍ତା ସୁସାହିତ୍ୟିକ ଡ. ରାଜକିଶୋର ପାଢୀ,ସମ୍ମାନିତ ଅତିଥିଭାବେ ବରିଷ୍ଠ ସଭ୍ୟ ତଥା ସାମାଜିକ କର୍ମୀ ଶ୍ୟମସୁନ୍ଦର ପାଢୀ,ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟାପିକା ବନଲତା ଲେଙ୍କା,ମହେଶ୍ୱରପୁର ପଂଚାୟତର ସମିତିସଭ୍ୟା ମହେଶ୍ୱତା ନାୟକ,ଭାରପ୍ରାପ୍ତ ସରପଂଚ ଚିଂତ ରଂଜନ ନାୟକ ଓ ଗ୍ରାମମୁରବୀ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁଙ୍କ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଉତ୍କଳମଣି ଗୋବପନ୍ଧୁଙ୍କ ପ୍ରତିମୁର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମଙ୍ଗରାଜପୁର ପଂଚାୟତର ସରପଂଚ ସ୍ୱର୍ଗତ କୁମଦିନୀ ନାୟକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କ୍ଲବର ସଭ୍ୟ ନିରଞ୍ଜନ ନାୟକ ଅତିଥି ପ୍ରଦାନ,ରୂପକ ପାଣ୍ଡେ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ରଶ୍ମୀରଂଜନ ମଲିକ ସ୍ୱାଗତ ଭାଷଣ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ବ୍ରହ୍ମବରଦା, ମହେଶ୍ୱରପୁର,ଅର୍ଥଙ୍ଗା ଓ ମଙ୍ଗରାଜପୁର ପଂଚାୟତର ଦିନନାରାୟଣଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । କବି ବିଶ୍ୱନାଥ ପଣ୍ଡା, ଶିକ୍ଷାବିତ୍ ଆନନ୍ଦ ନାୟକ, ନାରାୟଣ ଦାଶ, ଜଗବନ୍ଧୁ ଶତପଥୀ ଓ ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ କ୍ଲବର ସଭ୍ୟ ଅହିଂଶୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବକର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ସମ୍ବଲପୁର, ୧୧/୧୦ (ନି.ପ୍ର): ପୂର୍ବତନ ରେଳପଥ, କ୍ରୀଡ଼ା ସଂଗଠନ, ସମ୍ବଲପୁର ଦ୍ୱାରା ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ-୨୦୨୧ ରେଳବାଇ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଅଛି । ଏହି ଟୁର୍ଣ୍ଣାମେଂଟରେ ବିଭିନ୍ନ ବିଭାଗକୁ ପ୍ରତିନିଧିତ୍ୱ କରୁଥିବା ୮ଟି ଦଳ ଅଂଶଗ୍ରହଣ କରିଥିଲେ ।

ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଂଟର ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ଶ୍ରୀ ପ୍ରଦୀପ କୁମାର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆନନ୍ଦ ସିଂ ଓ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା, ଶ୍ରୀମତୀ ଇଷା ମଲ୍ଲିକ ଯୋଗଦାନ କରିଥିଲେ । ଉପସ୍ଥିତ କ୍ରୀଡ଼ାପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟଅତିଥି ଶ୍ରୀ କୁମାର କହିଲେ ଯେ, ସମସ୍ତ ରେଳବାଇ କର୍ମଚାରୀ ଭାତୃଭାବପୂର୍ଣ୍ଣ ଏବଂ କ୍ରୀଡ଼ା ପ୍ରତି ମନୋଭାବ ସହ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଉଚିତ୍ ଯାହା କର୍ମକ୍ଷେତ୍ରରେ ମଧ ପ୍ରତିଫଳିତ ହେବ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରାଯାଇଥିଲା ।

ଉକ୍ତ ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଂଟର ଫାଇନାଲ୍ ମ୍ୟାଚ୍ ଇଞ୍ଜିନିୟରିଂ ଓ ମେକାନିକାଲ୍ ଦଳ ମଧ୍ୟରେ ଖେଳାଯାଇଥିଲା । ଇଞ୍ଜିନିୟରିଂ ଦଳ ପେନାଲ୍ଟି ସୁଟ୍ ଆଉଟ୍‌ରେ ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲେ । ଜନି ଖାନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସରୋଜ ପ୍ରଧାନ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଂଟ ଓ ଆଲୋକ ପ୍ରଧାନ ସର୍ବଶ୍ରେଷ୍ଠ ଗୋଲ୍‌କିପର ଭାବରେ ବିଚାର କରାଯାଇଥିଲା । ଏହି ଅବସରରେ କ୍ରୀଡ଼ା ଅଧିକାରୀ ଡକ୍ଟର ମନୋଜ କୁମାର ବେହେରା, ସହାୟକ କ୍ରୀଡ଼ା ଅଧିକାରୀ ଅନୁପ ଗୋରିଙ୍କା, କ୍ରୀଡ଼ା ସଚିବ ଶ୍ରୀ ଆଲୋକ ରଞ୍ଜନ ପଣ୍ଡା ଏବଂ ଅନ୍ୟାନ୍ୟ ଅଧିକାରୀ ତଥା ବହୁସଂଖ୍ୟକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

## ହେରିଟେଜ ରାଇଡରେ ପିଲାମାନେ ବୁଲିଲେ ଐତିହ୍ୟ ମଠ

ପୁରୀ,୧୧/୧୦ (ନି.ପ୍ର): ଛାତ୍ରଛାତ୍ରୀ ମାନଙ୍କୁ ନେଇ ହେରିଟେଜ ରାଇଡ ଅନୁଷ୍ଠିତ ହୋଇଛି । ଆଜି ସକାଳ ସମୟରେ ପୁରୀ ଜିଲ୍ଲାସ୍କୁଲର ୩୦ ଜଣ ଛାତ୍ର ନିଳାଦ୍ରି ବେଳାଭୂମିରୁ ବାହାରି ପୌରସଂସ୍ଥା କାର୍ଯ୍ୟାଳୟ ଦେଇ ଐତିହାସିକ ସମ୍ପନ୍ନ କାଡାର ଆଶ୍ରମ, ଶଙ୍କରାଚାର୍ଯ୍ୟ ମଠ, ତୋଟା ଗୋପୀନାଥ, ଯମେଶ୍ୱର ଓ ବଡ ଓଡିଆ ମଠ ଆଦି ବୁଲି ଖୁସିବ୍ୟକ୍ତ କରିଥିଲେ । ବଡ ଓଡିଆ ମଠରେ ଶ୍ରୀ ମନ୍ଦିରରେ ବିଭିନ୍ନ ନୀତିକାନ୍ତି ଓ ସେବା ସହ ମଠର ସମ୍ପର୍କ, ଓଡିଆ ଭାଗବତର ସ୍ରଷ୍ଟା ଜଗନ୍ନାଥ ଦାସଙ୍କ ବ୍ୟବହୃତ କଠଉ, ସ୍ୱଲିଖିତ ଭାଗବତ ପୋଥି ଦେଖି ଛାତ୍ରମାନେ କୃତ କୃତ ହୋଇଥିଲେ । ଗବେଷକ ଡଃ. ସୁରେନ୍ଦ୍ର ମିଶ୍ର ବିଭିନ୍ନ ମଠର ଉତ୍ପତି ଓ ମହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ । ପୁରୀର ଉନ୍ନତ ଓ ଐତିହ୍ୟପୂର୍ଣ୍ଣ ତଥା ସୁସ୍ତ ପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ତତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ହେରିଟେଜ ରାଇଡରେ ଛାତ୍ରଛାତ୍ରୀ, ଯୁବ ଗୋଷ୍ଠୀ, ବୁଦ୍ଧିଜିବୀ, ପର୍ଯ୍ୟଟକ ସମେତ ବିଭିନ୍ନ ବର୍ଗଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି ।

## ମାଆ ଭଗବତୀ






ଦିଲ୍ଲୀପ କୁମାର ସାହୁ


ଦେବୀ ପୂରାଣ ଅନୁସାରେ ଦକ୍ଷ ଯଜ୍ଞରେ ପ୍ରାଣ ବିସର୍ଜନ କରିଥିବା ମାଆ ସତୀଙ୍କ ମରଶରୀରର ଖଣ୍ଡ ବିଖଣ୍ଡିତ ଅଂଶ, ଯେଉଁଠି ପଡିଥିଲା ସେଠାରେ ଗଢି ଉଠିଥିଲା ଗୋଟିଏ ଗୋଟିଏ ଶକ୍ତି ପୀଠ । ସେହି ପୀଠମାନଙ୍କ ମଧ୍ୟରୁ ଅନ୍ୟତମ ଖୋର୍ଦ୍ଧା ଜିଲ୍ଲା ବାଣପୁରର ମାଆ ଭଗବତୀଙ୍କ ବିଜେସ୍ଥଳି । ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ବାଣପୁରର ଦୂରତା ମାତ୍ର ଶହେ କିଲୋମିଟର। ନୀଳାମ୍ବୁ ଚିଲିକା କୂଳରୁ ମାତ୍ର ପନ୍ଦର କିଲୋମିଟର ଦୂରରେ ଅବସ୍ଥିତ ମାଆ ଭଗବତୀଙ୍କର ସେହି ପବିତ୍ର ପୀଠ।

କିମ୍ବଦନ୍ତୀ କହେ ବାଣାସୁର ରାଜ୍ୟ ପରବର୍ତ୍ତୀ ସମୟରେ ବାଣପୁର ଭାବରେ ଖ୍ୟାତ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ଅନୁସାରେ ବନବାସ ସମୟରେ ରାମ ଓ ଲକ୍ଷଣ ବାଣ ମାରି ଅନେକ ଦୁଷ୍ଟ ପ୍ରକୃତିର ଅସୁରଙ୍କୁ ସେଠାରେ ନିପାତ କରିଥିବାରୁ ସ୍ଥାନଟିର ନାମ ବାଣପୁର ହୋଇଛି । କିମ୍ବଦନ୍ତୀ ଯାହା ହେଉନା କାହିଁକି, ଡ. ଦିବ୍ୟସିଂହ ମିଶ୍ରଙ୍କ ରଚିତ 'ବାଣପୁର ଇତିକଥା'ର ବର୍ଣ୍ଣନା ଅନୁସାରେ ବାଣପୁର କୁ ଏକଦା କୁହାଯାଉଥିଲା କୋଙ୍ଗଦ ମଣ୍ଡଳର ରାଜଧାନୀ, ଯେଉଁଠି ଶବର ସମ୍ପ୍ରଦାୟର ଆଦିବାସୀ ଓ ବୌଦ୍ଧ ଧର୍ମର ତନ୍ତ୍ରଯାନ ସମ୍ପଦାୟର ଆଧିପତ୍ୟ ରହିଥିଲା। ତନ୍ତ୍ରଯାନୀ ମାନେ ଥିଲେ ଦେବୀ ଉପାସକ ଓ ଆଦିବାସୀ ମାନେ ଖମ୍ବେଶ୍ୱରୀ ବା ଏକ କାଠର ଖମ୍ବକୁ ଦେବୀ ଭାବରେ ପୂଜା କରୁଥିଲେ ।

ବ୍ରଜବନ୍ଧୁ ମିଶ୍ରଙ୍କ ରଚିତ ବାଣପୁର ଇତିହାସରୁ ମଧ୍ୟ ଜଣାଯାଏ କୋଙ୍ଗଦ ଅଞ୍ଚଳ ଥିଲା ଏକ ତନ୍ତ୍ର କ୍ଷେତ୍ର । ପ୍ରାୟ ନବମ ଶତାବ୍ଦୀ ବେଳକୁ ଗୌରୀପୁତ୍ର ସଙ୍ଘ ନାମକ ତନ୍ତ୍ରିକ ସଙ୍ଘ ମାଆ ଭଗବତୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥି। ମାଆ ବୃକ୍ଷ ମୂଳେ ପୂଜା ପାଉଥିଲେ। ୧୬୫୭ ରୁ ୧୭୩୭ ମଧ୍ୟରେ ବାଣପୁରରେ ରାଜତ୍ୱ କରୁଥିବା ରାଜା ଜଗନ୍ନାଥ ହରିଚନ୍ଦନ ଭ୍ରମରବର ରାୟ ମାଆ ଭଗବତୀଙ୍କ ବର୍ତ୍ତମାନର ମନ୍ଦିରଟି ନିର୍ମାଣ କରିଥିଲେ । ଘଣ୍ଟଶିଳା ପାହାଡର ପାଦଦେଶରେ ବହିଯାଉଥିବା ସରତୁଆ ନଦୀ କୂଳରେ ଥିବା ସୁରମ୍ୟ ପରିବେଶରେ ଅବସ୍ଥିତ ମାଆଙ୍କ ମନ୍ଦିର । ମାଆଙ୍କ ମନ୍ଦିରଟି ପଶ୍ଚିମାଭିମୁଖୀ ଓ ଉଚ୍ଚତା ପ୍ରାୟ ଚାଳିଶ ଫୁଟ୍ । ମାଆଙ୍କ ସିଂହ ଦ୍ୱାର ରହିଛି ଉତ୍ତର ଦିଗରେ । ମାଆ ଭଗବତୀ ଅଷ୍ଟଭୂଜା ଦେବୀ । ସେ ସିଂହବାହିନୀ ମହିଷମର୍ଦ୍ଦିନୀ ଦୁର୍ଗା।

ଶିଳା ନିର୍ମିତ ମାଆଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ପାଞ୍ଚ ଫୁଟ । ମାଆ ଦୁଇ ହସ୍ତରେ ତ୍ରିଶୂଳ ଧରଣ କରି ମହିଷାସୁରକୁ ମର୍ଦ୍ଦନ କରୁଥିବା ଭଙ୍ଗିରେ ଥିବାବେଳେ ଅନ୍ୟ ଛଅ ହସ୍ତରେ ଧାରଣ କରିଛନ୍ତି ଖଡ୍ଗ, ସର୍ପ, ଧନୁ, ଅଙ୍କୁଶ, ଶଙ୍ଖ ଓ ଚକ୍ର। ମାଆଙ୍କ ପାଦ ନିକଟରେ ମହିଷୀର ଛିର୍ଣ୍ଣ ମସ୍ତକ ଓ ମସ୍ତକ ବିହୀନ ମହିଷାସୁର ମଧ୍ୟ ବିଦ୍ୟମାନ । ସର୍ବଦା ବସ୍ତ୍ର ଆବୃତ୍ତା ମାଆଙ୍କ ପୂର୍ଣ୍ଣ ଶିଳା ବିଗ୍ରହକୁ ସାଧାରଣ ଦର୍ଶନ ମନା । ଭକ୍ତମାନେ ମାଆଙ୍କର ମୂଖମଣ୍ଡଳକୁ କେବଳ ଦର୍ଶନ କରିଥାନ୍ତି । ମାଆଙ୍କର ଚଳନ୍ତି ପ୍ରତିମା ଭାବରେ ମନ୍ଦିରରେ ପୂଜା ପାଉଥିବା କାଠି ଠାକୁରାଣୀ ଆଦିବାସୀ ମାନଙ୍କ ଖମ୍ବେଶ୍ୱରୀ ବୋଲି ମନେ କରାଯାଏ । ତେଣୁ ମାଆ ଭଗବତୀଙ୍କ ପୀଠକୁ ତନ୍ତ୍ର, ଶାକ୍ତ ଓ ଆଦିବାସୀ ସମ୍ବସ୍କୃତିର ମିଳନ ସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ ।








ମାଆ ଭଗବତୀଙ୍କ ସେବାରେ ଛତିଶ ପାଟକ ସେବକ ନିୟୋଜିତ। ମାଆଙ୍କ ପୂଜକ ମାନେ ବ୍ରାହ୍ମଣ । ମାଳି ସେବକମାନେ ମାଆଙ୍କ ପାଇଁ ପୁଷ୍ପ ଯୋଗାଇ ଥାନ୍ତି ଓ ପୂଜା ସମୟରେ ପୂଜକ ମାନଙ୍କୁ ସାହାଯ୍ୟ କରିଥାନ୍ତି । ମାଆଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରିଥାନ୍ତି ସୁଆରମାନେ । ମାଆ ଭଗବତୀଙ୍କ ପାଖରେ ମାଛ ଭୋଗ ହେବାର ବିଧି ରହିଛି । ସାରା ବର୍ଷ ମାଆଙ୍କ ପାଖରେ ମାଛ ମହୁର, ମାଛ ଭଜା, ମାଛ ଗୁଣ୍ଡ ଆଦି ଭୋଗ ଲାଗି ହୋଇଥାଏ । କିନ୍ତୁ ପ୍ରତିଦିନ ପ୍ରଭାତରେ ମାଆଙ୍କୁ ସ୍ନାନକଲାପରେ ପ୍ରଥମ ଭୋଗ ଭାବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅର୍ପଣ କରାଯାଏ । ତାହା ପ୍ରମାଣ କରେଯେ ଶ୍ରୀମନ୍ଦିର ସହିତ ଭଗବତୀ ପୀଠର ସମ୍ପର୍କ ନୀବିଡ ।

ମାଆ ଭଗବତୀଙ୍କ ପୀଠରେ ବାରମାସରେ ତେର ପର୍ବ ପାଳିତ ହୁଏ । ଶାରଦୀୟ ଦଶହରା ମାଆଙ୍କର ସବୁଠାରୁ ବଡପର୍ବ । ମାଆ ଭାଦ୍ରବ ଶୁକ୍ଳ ଅଷ୍ଟମରେ ନିଦ୍ରା ଯାଆନ୍ତି । ମୂଳାଷ୍ଟମୀ ବା ଆଶ୍ୱିନ କୃଷ୍ଣ ଅଷ୍ଟମୀରେ ମାଆ ନିଦ୍ରରୁ ଉଠନ୍ତି। ସେହିଦିନ ତାଙ୍କୁ ଶହଶ୍ର କୁମ୍ଭ ଜଳାଭିଷେକ କରାଯାଏ ଓ ଆରମ୍ଭ ହୁଏ ମାଆଙ୍କ ଶୋଳଦିନାତ୍ମକ ଶାରଦୀୟ ଦଶହରା । ସେତେବେଳେ ହୋମ ଯଜ୍ଞ ସହ ମାଆଙ୍କୁ ଶୋଡଷ ଉପଚାରରେ ପୂଜା କରାଯାଏ ।

ପ୍ରାରମ୍ଭରେ ଦଶହରା ସମୟରେ ମାଆ ଭଗବତୀଙ୍କ ପାଖରେ ନରବଳୀ ଦିଆ ଯାଉଥିଲା। ପ୍ରତିବର୍ଷ ବଳିଜେନା ପରିବାରର ଜଣେ ବ୍ୟକ୍ତି ବଳି ପାଉଥିଲେ । ମାଆ ଭଗବତୀ କିନ୍ତୁ କଲ୍ୟାଣମୟୀ । ସେ ନରବଳୀ ପରି ବିଭତ୍ସ ପ୍ରଥାକୁ ସହି ପାରିଲେ ନାହିଁ। ନିଜେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇ ସେହି ପ୍ରଥାକୁ ବନ୍ଦ କରିଦେଇଥିଲେ । ଏବେ କେବଳ ପ୍ରତିକାତ୍ମକ ଭାବରେ ବଳୀ ପରମ୍ପରା ରହିଛି । ଅର୍ଥାତ ନବମୀ ନିଶାର୍ଦ୍ଧରେ ହେଉଥିବା ପୂଜାରେ ବଳିଜେନା ପରିବାରର ଜଣେ ବ୍ୟକ୍ତିଙ୍କୁ ବରଣ କରଯାଇ ମାଆଙ୍କ ପାଖରେ ସମର୍ପଣ କରାଯାଏ । ସମର୍ପିତ ହେବା ମାତ୍ରେ ସେ ଚେତାଶୂନ୍ୟ ହୋଇଯାଆନ୍ତି ଓ ମାଆଙ୍କ କରୁଣାରୁ କିଛି କ୍ଷଣ ମଧ୍ୟରେ ତାଙ୍କ ଚେତା ଫେରିଆସେ।

ମାଆ ଭଗବତୀଙ୍କ ଏକ ନିଆରା ଉତ୍ସବ ହେଲା ଭେଟଯାତ୍ରା । କିମ୍ବଦନ୍ତୀ ଅନୁସାରେ ମାଆଙ୍କର ଆଉ ତିନି ଭଉଣୀ ଅଛନ୍ତି । ସେମାନେ ହେଲେ ଚିଲିକା ମଝିରେ ବିରାଜିତା ମାଆ କାଳିଜାଇ , ଚିଲିକା କୂଳରେ ଥିବା ଭାଲେରି ପାହାଡ ଶିଖରରେ ପୂଜିତା ମାଆ ନାରାୟଣୀ ଓ ଚିଲିକା କୂଳର ଅନ୍ୟତମ ପାହାଡ ଶୋଲରୀର ଉତ୍ତର ପାର୍ଶ୍ୱରେ ପୂଜିତା ଦେବୀ ଶିଦ୍ଧେଶ୍ୱରୀ । ମାଆ ତାଙ୍କର ସେହି ଭଉଣୀ ମାନଙ୍କୁ ବର୍ଷରେ ଥରେ ଭେଟ କରିବାକୁ ଯାଇଥାନ୍ତି । ପଣା ସଙ୍କ୍ରାନ୍ତିରେ ମାଆ ଶୋଲରୀ ପାହାଡ ନିକଟକୁ ଯାଇ ଶିଦ୍ଧେଶ୍ୱରୀଙ୍କୁ ଭେଟୁଥିବା ବେଳେ ଅଶୋକାଷ୍ଟମୀରେ ଭାଲେରୀ ଶିଖରକୁ ଯାଇ ନାରାୟଣୀଙ୍କୁ ଭେଟିଥାନ୍ତି । ସହିଭଳି ଭାଦ୍ରବ ଶୁକ୍ଳ ଷଷ୍ଠୀ ସନ୍ଧ୍ୟାରେ ଚିଲିକା ମଝିରେ ମାଆ ଭଗବତୀ ଓ ମାଆ କାଳିଜାଇଙ୍କର ଭେଟ ହୋଇଥାଏ । ଦେବୀ ମାନଙ୍କର ସେହି ଭେଟକୁ କୁହାଯାଏ ଭେଟ ଯାତ୍ରା ।

ମାଆ ଭଗବତୀ ଖୁବ୍ ପ୍ରତ୍ୟକ୍ଷ ଦେବୀ । ଶାରଳା ମହାଭାରତ ଓ ମଙ୍ଗଳା ସ୍ତୁତି ପରି ପ୍ରାଚୀନ ଗ୍ରନ୍ଥମାନଙ୍କରେ ମାଆଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ମାଆଙ୍କୁ ଯେଉଁଠି ଯେମିତି ଡାକିଲେ , ସେ ଡାକ ଶୁଣନ୍ତି ଓ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରନ୍ତିବୋଲି କଥା ଅଛି । ଯଦି ଚିଲିକା ବୁଲି ଆସୁଥାନ୍ତି ମାଆ ଭଗବତୀଙ୍କୁ ଦର୍ଶନ କରି ତାଙ୍କ କରୁଣା ଲାଭକରିବାକୁ ନଭୁଲନ୍ତି ଯେପରି ।


+ଶଙ୍କରପୁର,
ଚାରବାଟିଆ, କଟକ
ମୋ: ୯୮୬୧୧୨୬୧୯୭


## ନବରାତ୍ରୀର ନବ ଦୁର୍ଗା

### ନବରାତ୍ରୀର ପଞ୍ଚମଦିନେ - ଦେବୀ ସ୍କନ୍ଧମାତା



ନବରାତ୍ରୀ ର ପଞ୍ଚମ ଦିନେ ଦେବୀ ସ୍କନ୍ଧମାତା
ବାତ୍ସଲ୍ୟଦାୟିନୀ ରୂପେ ସେ ତ୍ରୈଲୋକ୍ୟପୂଜିତା ।
ସୂର୍ଯ୍ୟମଣ୍ଡଳ ଅଧିଷ୍ଠାତ୍ରୀ ସେ ଦେବୀ ପଦ୍ମାସନା
ସିଂହପୃଷ୍ଠେ ବିରାଜିତା ଗୌରବର୍ଣ୍ଣା ସୁନୟନା ।
ଚତୁର୍ଭୁଜା ମହାମାୟା କାର୍ତ୍ତିକେୟ କୋଳେ ଧରି
ବାମ ହସ୍ତେ ସନ୍ତାନକୁ ଯେ ସ୍ନେହେ ଛନ୍ତି ଆବୋରି ।
ବେନି ହସ୍ତେ ବିକଚ କମଳ ପୁଷ୍ପ ଧରି ସ୍ନେହମୟୀ
ଦେବୀଙ୍କର ଦକ୍ଷିଣ ହସ୍ତେ ଅଭୟ ମୁଦ୍ରା ବିରାଜଇ ।
ସ୍ୱର୍ଣ୍ଣ ଚମ୍ପା ପ୍ରିୟ ପୁଷ୍ପ, ପକ୍ୱରମ୍ଭା ଅର୍ଘ୍ୟେ ତୋଷ
ଜ୍ଞାନ ,ମୋକ୍ଷ ଦାୟିନୀ ରୂପେ ପୂଜିତ ସାରା ବିଶ୍ୱ ।
ଶୁଦ୍ଧପୂତ ଭାବେ ଶୁଭ୍ର ବସ୍ତ୍ର ପିନ୍ଧି କଲେ ଆରାଧନ
ଅଣିମାଦି ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାନ୍ତି ଭକ୍ତ ଜନ ।
ସନ୍ତାନ ବତ୍ସଳା ମା'ଗୋ ତୁମେ କୈବଲ୍ୟ ଦାୟିନୀ
ଲବେ ଦୟା ରଖିଥିବ ମା'ଗୋ ମୁହିଁ କରୁଛି ଦୟିନୀ ।




+ଶାରଳା ଭବନ ପୋତାପୋଖରୀ
ନୂଆବଜାର, କଟକ

ସୁଷମା ପରିଡା


## ଦହି ସହ ପିଆଜ ଖାଉଥିଲେ ସାବଧାନ

ଅଧିକାଂଶ ଲୋକଙ୍କୁ ଦହି ଖାଇବା ଭାରି ପସନ୍ଦ। ଖାଦ୍ୟ ସହ ଯଦି ଦହି ନଥାଏ, ତେବେ ଅନେକଙ୍କୁ ଖାଦ୍ୟ ଅଧୁରା ଲାଗେ। ସେହିପରି ଆଉ କିଛି ଲୋକ ଦହିକୁ ନିଜ ଡେଲି-ଡାଇଟ୍‌ରେ ସାମିଲ କରିଥାନ୍ତି। ଦହି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କିନ୍ତୁ ଆପଣ ଜାଣନ୍ତି କି ଦହି ସହିତ କିଛି ଜିନିଷ ମିଶାଇ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ତେବେ କେଉଁ ଜିନିଷକୁ ଦହି ସହିତ ମିଶାଇ ଖାଇବା ଉଚିତ୍ ନୁହେଁ, ଆସନ୍ତୁ ଜାଣିବା। ଅନେକ ଲୋକ ପିଆଜ ସହ ଦହି ମିଶାଇ ଖାଇବାକୁ ଭଲ ପାଆନ୍ତି। ଅଧିକାଂଶ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ମଧ୍ୟ ଦହି ପିଆଜ ସାଲାଡ ତଥା କଚୁମ୍ବର ଦିଆଯାଏ। ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ, ତେବେ ଆପଣଙ୍କର ଏହି ଅଭ୍ୟାସକୁ ବଦଳାଇବାକୁ ପଡିବ। କାରଣ ଦହି ଏବଂ ପିଆଜର ପ୍ରଭାବ ଭିନ୍ନ ଭିନ୍ନ ରହିଛି। ଏପରି ସ୍ଥିତିରେ, ଯଦି ଆପଣ ଦହି ଏବଂ ପିଆଜକୁ ମିଶାଇ ଖାଆନ୍ତି, ତେବେ ଆପଣ ଅନେକ ରୋଗର ଶିକାର ହୋଇପାରନ୍ତି। ଯେପରିକି କୁଣ୍ଡେଇ ହେବା, ଏଗ୍‌ଜିମା, ଆଲର୍ଜି, ଏବଂ ପେଟ ସହିତ ଜଡିତ ଅନ୍ୟାନ୍ୟ ରୋଗ ହୋଇପାରେ। ସେହିପରି ଡାଲି ସହ ଦହି ଖାଇବା ମଧ୍ୟ ଉଚିତ ନୁହେଁ।



## ଘରେ ବସି ମେହେନ୍ଦି କରନ୍ତୁ

 କିଛି ନୂଆ ଶିଖିଥିଲେ ସମସ୍ତଙ୍କ ମନରେ ଉତ୍ସାହ ଆସେ । ସେ ବିଷୟରେ ନୂଆ ନୂଆ କଥା ଜାଣିବା ଓ ଖୋଜିବା ଆପଣଙ୍କ ଜୀବନର ଏକ ଅଂଶ ହୋଇଯାଏ । ଏହି ଖୁସି ଭିତରେ ଆପଣଙ୍କ ମନରେ କେଉଁଠି ନା କେଉଁଠି ଭୁଲ ହୋଇଯିବାର ଡର ମଧ୍ୟ ଥାଏ । ଆପଣଙ୍କୁ ଏମିତି ଲାଗିବ ଯେ ଆପଣଙ୍କର ଏକ ଛୋଟ ଭୁଲ୍ ଆପଣଙ୍କର ଏହି ନୂଆ ଟ୍ୟାଲେଣ୍ଟକୁ ଖରାପ କରିନ ଦେଉ । ଏମିତି ସେଇ ଯୁବତୀମାନଙ୍କ କ୍ଷେତ୍ରରେ ଅଧିକ ହୁଏ ଯେଉଁମାନେ  ନୂଆ ନୂଆ ମେହେନ୍ଦି ଲଗାଇବା ଆରମ୍ଭ କରୁଛନ୍ତି । ନିଜ ହାତରେ ହେଉ ବା ଅନ୍ୟ କାହାରି ହାତରେ ହେଉ ଡର ସହିତ ଖୁସି ମଧ୍ୟ ଥାଏ । ଯଦି ଆପଣଙ୍କ ସାଙ୍ଗରେ ଏମିତି ହେଉଛି ତେବେ ଟ୍ରାଏ କରନ୍ତୁ ଏହି ପାଞ୍ଚଟି ମେହେନ୍ଦି ଡିଜାଇନକୁ ଯାହା ନିର୍ଭୁଲ ଭାବରେ ଓ ସହଜରେ ଆପଣ ଲଗେଇପାରିବେ । ଆପଣଙ୍କୁ ଏଥିପାଇଁ ସମସ୍ତଙ୍କର ପ୍ରଶଂସା ମିଳିବ । ଏହି ଡିଜାଇନରେ ସବୁଠାରୁ ଭଲ କଥା ହେଉଛି ଯେ ଏହାକୁ ସମସ୍ତେ ସହଜରେ ଲଗେଇ ପାରିବେ ।

**ସିମ୍ପଲ ଡିଜାଇନ:-** ସହଜ ହୋଇ ମଧ୍ୟ ଏହି ଡିଜାଇନ ଆପଣଙ୍କ ହାତକୁ ବହୁତ ସୁନ୍ଦର ଦେଖାଯିବ । ଯଦି ଆପଣଙ୍କୁ ସିମ୍ପଲ ଲୁକ୍ ପସନ୍ଦ ତେବେ ଏହା ଗୋଟେ ଥର କରି ଦେଖନ୍ତୁ । କଣ ସିମ୍ପଲ୍ ଜିନିଷ ଆପଣଙ୍କୁ ସୁନ୍ଦର ଲୁକ୍ ଦେଇପାରେ ଏହାର ଜବାବ୍  ଏହି ମେହେନ୍ଦି  ଡିଜାଇନରୁ ମିଳିଯିବ । ସାଧାରଣତଃ ଦେଖାଯାଉଥିବା ଏହି ମେହନ୍ଦି ଡିଜାଇନ ଆପଣଙ୍କ ଟ୍ୟାଲେଣ୍ଟକୁ ବେକାର ଯିବାକୁ ଦେବ ନାହିଁ ।

**ପତ୍ର ଡିଜାଇନ:-** ପତ୍ରର ସାହାଯ୍ୟ ନିଅନ୍ତୁ । ପତ୍ରର ଏହି ଡିଜାଇନରେ ସାଧାରଣ ଦେଖାଯାଉଥିଲେ ମଧ୍ୟ ଏହା  ବହୁତ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଲାଗେ । ଏଥିରେ ଆପଣଙ୍କ ହାତକୁ ବହୁତ ଆକର୍ଷଣୀୟ ଲୁକ୍ ମିଳିବ ।



**ଫ୍ଲୋରାଲ ମେହେନ୍ଦି:-**
କେବଳ ପତ୍ର କାହିଁକି ଫ୍ଲୋରାଲ ଡିଜାଇନରେ ହୋଇଥିବା ମେହେନ୍ଦି ସହିତ ଆପଣ ଆପଣଙ୍କ ଟ୍ୟାଲେଣ୍ଟ ଦେଖାଇବା ସହିତ  ହାତର ସୌନ୍ଦର୍ଯ୍ୟକୁ ମଧ୍ୟ ବଢ଼େଇ ପାରିବେ । ଏହା ଆପଣଙ୍କ ହାତର ଉପର ପାର୍ଶ୍ୱରେ ଓ ପାପୁଲିରେ ଯେମିତି ଲଗେଇଲେ ମଧ୍ୟ ଚଳିବ ।

**ଦିଲ ଡିଜାଇନ:-** ସମସ୍ତେ ନିଜର ଷ୍ଟାଇଲ ପୁରା ଦିଲସେ ଦେଖେଇବାକୁ ଚାହାଁନ୍ତି । ଏଠାରେ ଆମେ ଦିଲ ଡିଜାଇନର ମେହେନ୍ଦି ଜରିଆରେ ଆପଣଙ୍କ ଭିତରେ ଥିବା ଟ୍ୟାଲେଣ୍ଟକୁ ବାହାରକୁ ଆଣିବାକୁ ଚାହୁଁଛୁ । ଆପଣ ଏହି ଦିଲ୍ ଡିଜାଇନକୁ ଟ୍ରାଏ କରନ୍ତୁ ଦେଖନ୍ତୁ ସମସ୍ତେ ଏହାର ପ୍ରଶଂସା କେମିତି କରୁଛନ୍ତି ।

## ଲମ୍ବା ସ୍ଲିଭ୍ ପୋଷାକ



ବଦଳୁଥିବା ଫେସନ ଏବଂ ଷ୍ଟାଇଲ ସହିତ ସବୁବେଳେ ନିଜ ପୋଷାକକୁ ମେଳ କରିବା ସହଜ କଥା ନୁହେଁ । ତେବେ ଫେସନ ଅପେକ୍ଷା ପିନ୍ଧୁଥିବା ପୋଷାକରେ ନିଜ ଆରାମକୁ ବେଶୀ ଗୁରୁତ୍ୱ ଦେବା ଉଚିତ । ଏପରି କ୍ଷେତ୍ରରେ ଲମ୍ବା ସ୍ଲିଭ୍ ଏକ ଭଲ ବିକଳ୍ପ ହୋଇପାରେ । ଖରାଦିନ ଆସୁଥିବାରୁ ଏହା ତ୍ୱଚାକୁ ଟ୍ୟାନରୁ ସୁରକ୍ଷା ଦେବା ସହିତ ସବୁଦିନଆ ଫେସନର ଅନ୍ତର୍ଭୁକ୍ତ । ସିଲ୍କ ବ୍ଲେଣ୍ଡର ଏପରି ପୋଷାକକୁ ବିଭିନ୍ନ ସ୍ୱତନ୍ତ୍ର ଅବସରରରେ ପିନ୍ଧିପାରିବେ । ଏହାର ବିଶେଷତ୍ୱ ହେଉଛି କପଡ଼ା ଏବଂ ଫ୍ଲୋରାଲ ପ୍ରିଣ୍ଟ । ଫ୍ଲାଟ୍ ଚପଲ ଏବଂ କେନ ବ୍ୟାଗ ସହିତ ଏଭଳି ପୋଷକ ପିନ୍ଧାଯାଇପାରିବ । ବେଲଟ ଥିବା ଏହି ପୋଷାକ ଯୁବପିଢ଼ିଙ୍କୁ ବେଶ ମାନିଥା । ଏହାକୁ ବ୍ଲାକ୍ ପମ୍ପସ କିମ୍ବା ବୁଟ ସହିତ ଅଫିସ ପିନ୍ଧି ଯାଇପାରିବେ । ଏ ନଚେତ ବୁଲାବୁଲି କରିବାକୁ ଯାଉଥିଲେ ବି ଏହା ଆରାମଦାୟକ ହେବ । ଏଲସି ଶୈଳୀର ଲମ୍ବା ସ୍ଲଭ ପୋଷାକ ପାରମ୍ପରିକ ଏବଂ ଆଧୁନିକ ଫେସନର ମିଶ୍ରମଣ ରୂପ ଦେଇପାରେ । ପୂଜାପାର୍ବଣ ପରି ଅବସରରେ ଏହାକୁ ପିନ୍ଧିପାରିବେ । ଗୋଲାପି ରଙ୍ଗର ଏପରି ପୋଷାକ ସହିତ ମୋତି ଲାଗିଥିବା କାନଫୁଲ ଖୁବ ସୁନ୍ଦର ଦିଶେ । ସାଟିନ ୟୁଟିଲିଟି ସାର୍ଟ ଡ୍ରେସ ସବୁଦିନଆ ଫେସନର ଅନ୍ତର୍ଭୁକ୍ତ । ଏହାକୁ ଯେକୌଣସି ଅବସରରେ ଆରାମରେ ପିନ୍ଧିହେବ ଏମିତିରେ ଫ୍ଲୋରାଲ ପ୍ରିଣ୍ଟ ପ୍ରତ୍ୟେକ ଋତୁରେ ପସନ୍ଦ କରାଯାଇପାରେ ।



## ଦୁନିଆର ସବୁଠୁ ଛୋଟ ଦ୍ୱୀପ



ଦୁନିଆରେ ଏପରି ସ୍ଥାନ ଅଛି ଯାହାର ସୌନ୍ଦର୍ଯ୍ୟ ଲୋକଙ୍କ ମନମୋହି ନେଇଥାଏ । ଏହିପରି ଏକ ସୌନ୍ଦର୍ଯ୍ୟମୟ ଦ୍ୱୀପ ବିଷୟରେ ଆଜି କହିବାକୁ ଯାଉଛୁ ଯାହାର ଆକାର ବାବଦରେ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଏହି ଦ୍ୱୀପଟି ନ୍ୟୁୟର୍କର ଆଲୋକଜେଣ୍ଡ୍ରିୟା ବାୟ ନିକଟରେ  ଅବସ୍ଥିତ । ଏହାକୁ ଦୁନିଆର ସବୁଠୁ ଛୋଟ ଦ୍ୱୀପ ବୋଲି  କୁହାଯାଇଥାଏ । ଏହାର ନାମ ହେଉଛି 'ଜଷ୍ଟ ରୁମ ଏନଫ' । ଏହି ଦ୍ୱୀପରେ କେବଳ ଗୋଟିଏ ଘର ଗୋଟିଏ ଗଛ ଅଛି । ଆପଣ ଏବେ ଏଥିରୁ ଜାଣିଥିବେ ଯେ, ଆକାର କେତେ ହେବ । ସୂଚନା ଅନୁସାରେ ଏହି ଦ୍ୱୀପଟିର ଆକାର ଏକ ଟେନିସ କୋର୍ଟ ସହ ସମାନ। ଏହି ଦ୍ୱୀପ ୩୩୦୦ ସ୍କୋରଫୁଟ ଅଞ୍ଚଳରେ ପରିବ୍ୟାପ୍ତ । ପ୍ରକାଶଥାଉକି ପୂରା ପୃଥିବୀରେ ଅନ୍ୟୁନ୍ୟ ୨୦୦୦ରୁ ଉର୍ଦ୍ଧ୍ୱ ଦ୍ୱୀପ ରହିଛି, ତନ୍ମଧ୍ୟରୁ ଏହି ଦ୍ୱୀପଟି ଗୋଟିଏ । ଏପରିକି ନିଜ ଆକାରକୁ ନେଇ ଏହି ଦ୍ୱୀପଟି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଜୁଳିର ଭବିଷ୍ୟତ ସଂକଟ...

ଦେଶର କୋଇଲା ଅଭାବକୁ ନେଇ ଶକ୍ତ ସଂକଟ ସୃଷ୍ଟି ହେବାର କୌଣସି ସମ୍ଭାବନା ନାହିଁ ବୋଲି କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ.ସିଂହ ରବିବାର ଦିନ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହା ଶକ୍ତି ଉତ୍ପାଦନକାରୀ କମ୍ପାନୀ ତଥା ଜନସାଧାରଣଙ୍କ ମନରେ କିଛିଟା ଆଶ୍ୱସ୍ତି ଆଣିଛି। କିନ୍ତୁ ଦିଲ୍ଲୀରେ ଦେଖାଦେଇଥିବା ବିଜୁଳି ସଂକଟରେ ଭୟ ଏବେସୁଦ୍ଧା ସେଠାକାର ଲୋକଙ୍କ ମନକୁ ଆକ୍ରାନ୍ତ କରି ରଖିଛି। ସୂଚନାଯୋଗ୍ୟ ଯେ, ଏହି ସଂକଟ ହଠାତ୍ ରାତାରାତି ସୃଷ୍ଟି ହୋଇନାହିଁ। ଦେଶର ଶକ୍ତିକେନ୍ଦ୍ରମାନଙ୍କ ନିକଟରେ କୋଇଲା ମହଜୁଦ ମାତ୍ରା ହ୍ରାସ ପାଉଥିବା ଖବର ବେଶ୍ କିଛି ଦିନ ଧରି ଚର୍ଚ୍ଚାରେ ରହିଆସିଛି। ଏବେ କେବଳ ତାହାର ପ୍ରଭାବ ଅନୁଭୂତ ହେବା ଆରମ୍ଭ କରିଛି।

ଭାରତରେ ପ୍ରାୟ ୧୩୫ଟି କୋଇଲା ଇନ୍ଧନଯୁକ୍ତ ଶକ୍ତି ଉତ୍ପାଦନ କେନ୍ଦ୍ର ରହିଛି। ସେହିସବୁ କେନ୍ଦ୍ରମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କ ନିକଟରେ ଯେତିକି କୋଇଲା ଗଚ୍ଛିତ ରହିବା କଥା ତାହା ରହୁନାହିଁ ବୋଲି ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଥିଲା। ଏପରିକି ସେଥିମଧ୍ୟରୁ ୧୬ଟି ଶକ୍ତିକେନ୍ଦ୍ରଙ୍କ ନିକଟରେ ଗତ ସେପ୍ଟେମ୍ବର ମାସ ଶେଷ ସପ୍ତାହ ବେଳକୁ ଆଦୌ କୋଇଲା ଗଚ୍ଛିତ ନଥିବା ସମ୍ବାଦ ସମସ୍ତଙ୍କ ମନରେ ଛନକା ସୃଷ୍ଟି କରିଥିଲା। ଦେଶରେ ଏବେ ଯେତିକି ଶକ୍ତି ଉତ୍ପାଦନ କେନ୍ଦ୍ର ରହିଛି ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ କେନ୍ଦ୍ର କୋଇଲା ଇନ୍ଧନ ଦ୍ୱାରା ହିଁ ପରିଚାଳିତ। ତେଣୁ କହିବାକୁ ଗଲେ କୋଇଲା ହେଉଛି ଶକ୍ତି ଉତ୍ପାଦନର ମୁଖ୍ୟ ଆଧାର। ଶକ୍ତିକେନ୍ଦ୍ରଗୁଡ଼ିକ ଯେଉଁ କୋଇଲା ବ୍ୟବହାର କରିଥାନ୍ତି ତାହା ଦୁଇଟି ସୂତ୍ରରୁ ମିଳିଥାଏ। ଘରୋଇ ଭାବେ କୋଇଲା ଖଣିମାନଙ୍କରୁ ଉତ୍ତୋଳିତ କୋଇଲା ଏବଂ ବିଦେଶରୁ ଆମଦାନି କରାଯାଉଥିବା କୋଇଲା। ଘରୋଇ ଭାବେ ଉପଲବ୍ଧ କୋଇଲାର ପରିମାଣ ପ୍ରାୟତଃ ସ୍ଥିର। ତେବେ କରୋନା ମହାମାରୀର ଦ୍ୱିତୀୟ ଲହର ପରେ ଏବେ ବିଶ୍ୱବ୍ୟାପୀ କୋଇଲା ମୂଲ୍ୟର ଢ଼େର ମାତ୍ରାରେ ବୃଦ୍ଧି ପାଇଛି। ଏହି ମୂଲ୍ୟ ବୃଦ୍ଧି ଏବଂ ପରିବହନ ମୂଲ୍ୟ ବଢ଼ିବା ଯୋଗୁ ବିଦେଶରୁ ଆମଦାନି ହେଉଥିବା କୋଇଲା ପରିମାରଣ ଇତିମଧ୍ୟରେ କମିଛି। କାରଣ, ଅଧିକ ଦାମରେ ବିଦେଶରୁ କୋଇଲା କିଣି ଖର୍ଚ୍ଚାନ୍ତ ହେବା ଅପେକ୍ଷା ଘରୋଇ କୋଇଲା ଉପରେ ଶକ୍ତିକେନ୍ଦ୍ରମାନେ ଅଧିକ ନିର୍ଭରଶୀଳ ହେବା ଆରମ୍ଭ କରିଛନ୍ତି। ଯେହେତୁ ବିଦେଶୀ ଓ ଦେଶୀ କୋଇଲା ମୂଲ ମଧ୍ୟରେ ଢ଼େର ମାତ୍ରାରେ ତଫାତ୍ ରହୁଛି, ଯେକୌଣସି ସଂସ୍ଥା ଏହା କରିବା ସ୍ୱାଭାବିକ। କରୋନା ପ୍ରଭାବ ପରେ ଶିଳ୍ପସଂସ୍ଥାଗୁଡ଼ିକ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହେବା ପରେ ଶିଳ୍ପସଂସ୍ଥାଙ୍କ ବିଜୁଳି ଚାହିଦା ଢ଼େର ଗୁଣ ବଢ଼ିଛି। ତେଣୁ ଉପଲବ୍ଧତା ଓ ଯୋଗାଣ ମଧ୍ୟରେ ଥିବା ତାରତମ୍ୟ ଏହି ସଂକଟକୁ ଅଧିକ ଘନୀଭୂତ କରିଛି। ସରକାର ଘରୋଇ ଭାବେ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ତତ୍କାଳ ପଦକ୍ଷେପ ନେଲେ ସୁଦ୍ଧା ସେଥିରୁ ସୁଫଳ ମିଳିବା ପାଇଁ କିଛିଦିନ ସମୟ ଅବଶ୍ୟ ଲାଗିବ। କିନ୍ତୁ ବିଭାଗୀୟ ମନ୍ତ୍ରୀଙ୍କ ଆଶ୍ୱାସନା ସରକାରଙ୍କ ତତ୍ପରତାକୁ ସୂଚୀତ କରେ। ତେଣୁ ସସଂକଟ ସୃଷ୍ଟି ହେବା ପୂର୍ବରୁ ଏହାକୁ ନେଇ ଆତଙ୍କିତ ହେବାର କୌରସି କାରଣ ନାହିଁ।

ଅପରପକ୍ଷେ, ଭାରତ ହେଉଛି ଗଚ୍ଛିତ ଦୃଷ୍ଟିରୁ ବିଶ୍ୱର ଚତୁର୍ଥ ବୃହତ୍ତମ କୋଇଲା ସଂପଦଯୁକ୍ତ ରାଷ୍ଟ୍ର ଏବଂ ଦ୍ୱିତୀୟ ବୃହତ୍ତମ କୋଇଲା ଆମଦାନକାରୀ। ଭାରତ ମୁଖ୍ୟତଃ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଣ୍ଡୋନେସିଆରୁ କୋଇଲା ଆମଦାନୀ କରିଥାଏ। ତା'ଛଡ଼ା ଘରୋଇ ଭାବେ ମଧ୍ୟ ଭାରତ ତାର ଉତ୍ପାଦନ ଯଥେଷ୍ଟ ବୃଦ୍ଧି କରିପାରିବ। ସରକାର ଏ ଦିଗରେ ଦେଖାଉଥିବା ତତ୍ପରତା କାର୍ଯ୍ୟରେ ପରିଣତ ହେଲେ ଏହି ସଂକଟ ଯଥାଶୀଘ୍ର ଦୂର ହୋଇଯିବ। ଅକ୍ଷୟ ଶକ୍ତି ଉତ୍ପାଦନରେ ସମଗ୍ର ବିଶ୍ୱକୁ ନିଜର ପରାକାଷ୍ଠା ଦେଖାଇ ସାରିଥିବା ଭାରତ ପାଇଁ ଏହା କିଛି ବିରାଟ ସମସ୍ୟା ନୁହେଁ। ପୁଣି ଭାରତର ଶକ୍ତି ସଂକଟ ଚୀନ୍ ପରି ସାଂଘାତିକ ସ୍ଥିତି ଧାରଣ କରିବାର କୌଣସି କାରଣ ନାହିଁ। ସରକାରଙ୍କ ତତ୍ପରତା, କୋଇଲା ଉତ୍ପାଦନକାରୀ କମ୍ପାନୀ ଏବଂ ଶକ୍ତି ଉତ୍ପାଦନକାରୀ କେନ୍ଦ୍ରମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ହୋଇପାରିଲେ ଏହି ସମସ୍ୟା ଅଚିରେ ଦୂର ହୋଇପାରିବ। ଏହି ପରିପ୍ରେକ୍ଷୀରେ ଶକ୍ତିମନ୍ତ୍ରୀଙ୍କ ଅଭୟବାଣୀ ବିଶ୍ୱାସଯୋଗ୍ୟ ମନେହୁଏ।



ଅମୂଲ୍ୟ କୁମାର ପଣ୍ଡା

## ଖାଣ୍ଟି କଟକିଆ ଅକ୍ଷୟ ମହାନ୍ତି



ଓଡିଆ ସଂଗୀତର ମୁକୁଟ ବିହୀନ ସମ୍ରାଟ ତଥା ଓଡ଼ିଆ ସଙ୍ଗୀତ ଦୁନିଆର କାଳଜୟୀ ତଥା ଲୋକପ୍ରିୟ ସଙ୍ଗୀତଜ୍ଞ ହେଇଛନ୍ତି ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ। ଯାହାଙ୍କର ସୁମଧୁର କଣ୍ଠସ୍ୱର ଯେକୌଣସି ବ୍ୟକ୍ତିର ମନ ମୋହିନିଏ । ୧୯୩୭ ମସିହାରେ ଅକ୍ଟୋବର ୧୨ ତାରିଖରେ କେନ୍ଦ୍ରାପଡାର ବାଙ୍କି ମୁଣ୍ଡେଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଏକାଧାରରେ ସେ ଜଣେ ଓଡ଼ିଆ ଗାୟକ, ସଙ୍ଗୀତଜ୍ଞ, ଗାଳ୍ପିକ ଓ ଔପନ୍ୟାସିକ ଥିଲେ। ଓଡ଼ିଶାର ଅନେକ ଲୋକକଥା ଓ ଗୀତକୁ ନେଇ ସେ ସଙ୍ଗୀତ ସଂଯୋଜନା କରିବା ସହ ଜଣେ ସୁଲେଖକ ଭାବେ ଅନେକ ଉପନ୍ୟାସ ରଚନା କରିଯାଇଛନ୍ତି। ସଙ୍ଗୀତ ଦୁନିଆରେ ଖୋକାଭାଇ ରୂପେ ପରିଚିତ ଥିବା ଅକ୍ଷୟ ମହାନ୍ତିଙ୍କର ପିତା ବିଚିତ୍ରାନନ୍ଦ ମହାନ୍ତି ଓ ମାଆ ସୁବର୍ଣ୍ଣା ମଞ୍ଜରୀ ମହାନ୍ତି ଥିଲେ। କେନ୍ଦ୍ରାପଡା ଜିଲ୍ଲାରେ ଜନ୍ମ ହୋଇଥିଲେ ବି ସେ ବଢିଥିଲେ କଟକର ଅଣଓସାରିଆ ଗଳିରେ ଆଉ କାଠଯୋଡି ମହାନଦୀର ବାଲିରେ । ବୋଧହୁଏ ସେଇଥିପାଇଁ କଟକ ଭରି ରହିଥିଲା ତାଙ୍କର ଗୀତ, ରଚନା ଓ ସାହିତ୍ୟ ସବୁଥିରେ । କଟକର ତିନି କୋଣିଆ ବଗିଚାରୁ କଟକ କାଠଯୋଡି, କଟକର ରିକ୍ସାରୁ କଟକର ଗୁଡି ସବୁଥିଲା ତାଙ୍କ ଗୀତରେ । ଅନେକ କୁହନ୍ତି ଅକ୍ଷୟ ମହାନ୍ତିଙ୍କ ପୂର୍ବରୁ ଓଡିଆ ଗୀତରେ ଗୋଟେ ମନ୍ଥର ଗତି ଥିଲା । ପୂର୍ବରୁ ବଙ୍ଗୀୟ ଛାଞ୍ଚ କୁହନ୍ତୁ କିମ୍ବା ହିନ୍ଦୁସ୍ଥାନୀ ଗାୟନ ପଦ୍ଧତିର ବ୍ୟବହାର ଓଡିଆ ଗୀତରେ ଅଧିକ ହେଉଥିଲା । କିନ୍ତୁ ଖାଣ୍ଟି ଓଡିଆ ଅକ୍ଷୟ ମହାନ୍ତି ସେହି ପରମ୍ପରାରୁ ଓଡିଆ ଗୀତକୁ ମୁକ୍ତକଲେ । ଗୀତରେ ନିରଳା ଓଡିଆ ପଣ ଓ ଶୈଳୀକୁ ଭରିଦେଲେ । ସାଧାରଣ ଓଡିଆ ଘରେ ବ୍ୟବହାର ହେଉଥିବା ଶବ୍ଦ ଓ ରୁଢିକୁ ଓଡିଆ ଗୀତରେ ଭର୍ତିକଲେ ଅକ୍ଷୟ ମହାନ୍ତି । ସେ ଥିଲେ ବି ଖାଣ୍ଟି କଟକିଆ । କଟକ ଲାଗି ସେ ଥିଲେ ପାଗଳ । ୨୨ ବର୍ଷ ବୟସରେ କଟକ ଆକାଶବାଣୀରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ, ହେଲେ ପରେ ଚାକିରି ଛାଡ଼ି ସମ୍ପୂର୍ଣ୍ଣ ସମୟ ସଙ୍ଗୀତରେ ବିତାଇଥିଲେ । ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜୟଦେବ ପୁରସ୍କାର, ପ୍ରଚ୍ଛଦ ସଙ୍ଗୀତ ପାଇଁ ରାଜ୍ୟ ପୁରସ୍କାର ଓ ରାଜ୍ୟ ସଙ୍ଗୀତକାର ପୁରସ୍କାର ଭଳି ଅନେକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଓଡିଆ ସିନେ ଜଗତର କିମ୍ବଦନ୍ତୀ ପୁରୁଷ ଭାବେ ଜଣା ଯାଉଥିବା ଅକ୍ଷୟ ମହାନ୍ତି ଓଡିଆ ସଙ୍ଗୀତକୁ ନୂଆ ପରିଚୟ ପ୍ରଦାନ କରିଥିଲେ । ଶ୍ରୋତାଙ୍କ ରୁଚିକୁ ବୁଝି ଅନେକ ମନଛୁଁଆ ଗୀତ ଭେଟି ଦେଇଛନ୍ତି ସ୍ୱର୍ଗତ ମହାନ୍ତି । ସଙ୍ଗୀତ ସଂଯୋଜନା ହେଉ କି, ଗୀତ ରଚନା ଅବା କଣ୍ଠଦାନ ସବୁଥିରେ ଥିଲେ ସେ ପ୍ରବୀଣ । ସେ କଥା କହିଲେ ଲେଖି ହୋଇଯାଏ ଗୀତ ଆଉ ସେ ଗୀତ ଗାଇଲେ ଅମର ହୋଇଯାଏ ଶବ୍ଦ । ସଂଗୀତର ସେ କାଳଜୟୀ ଶ୍ରଷ୍ଟା । ଅକ୍ଷୟ ମହାନ୍ତି ଅର୍ଥାତ ଖୋକା ଭାଇ ତଥା ଆର୍ଯ୍ୟ ଦାସ ପ୍ରତି ଓଡ଼ିଆ ହୃଦୟରେ ଆଜି ବି ଜୀବିତ । ପ୍ରତିଟି ଓଡିଆ ମୁହଁରେ ଖୋକା ଭାଇଙ୍କର ଗୀତ । କାରଣ ତାଙ୍କ ଗୀତର ଫଗୁଣ କେବେ ଯାଇନି ଆଉ କେବେ ରଙ୍ଗ ହରାଇନି ତାଙ୍କ ସଂଗୀତର କୃଷ୍ଣଚୂଡା । ଏବେ ବି ଉଜାଣି ବହୁଛି ପୂର୍ଣ୍ୟର ତୀରେ । ଅକ୍ଷୟଙ୍କୁ ନେଇ ଅମର ହୋଇଯାଇଛି ଓଡିଆ ସିନେମାର ଅନେକ ଗୀତ ପୃଷ୍ଠା । କଣ୍ଠଶିଳ୍ପୀ , ସଂଗୀତଜ୍ଞ, ଅଭିନେତା ସହିତ ସୃଜନଶୀଳତାର ପ୍ରମାଣ ଦେଇଛନ୍ତି ଅକ୍ଷୟ ମହାନ୍ତି । ସେ ଟିକେ ଅଭିମାନୀ ଥିଲେ ଆଉ ସେଇଟା ଥିଲା ତାଙ୍କ ଭୂଷଣ। ବେଳେ ବେଳେ ଏକବାଗିଆ ଆଉ ଜିଦଖୋର ମଧ ଥିଲେ । ତାଙ୍କ ସମସାମୟିକ ଅନେକଙ୍କୁ ସେ ପସନ୍ଦ କରୁନଥିଲେ ହେଲେ କାଳିଚରଣ ପଟ୍ଟନାୟକ, ବାଳକୃଷ୍ଣ ଦାସ ଓ ନିମେଇ ହରିଚନ୍ଦନଙ୍କୁ ସଦା ସର୍ବଦା ମାନୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ପୁରୀ ଭଜନ ସମାରୋହକୁ ସମସ୍ତେ ଆସନ୍ତି କିନ୍ତୁ ସେ ଆସନ୍ତି ନାହିଁ କାରଣ ତାଙ୍କର ଥାଏ ଅଲଗା ସନ୍ଧ୍ୟା ଦେବ ଦୀପାବଳୀକୁ । ଧୋତି, କୁର୍ତ୍ତା ବେଶରେ ମୁଣ୍ଡରେ ଚନ୍ଦନ ଲଗାଇ ଭକ୍ତିର ସହ ଜଗନ୍ନାଥ ଦର୍ଶନ ସାରି ଗୋଟିକ ପରେ ଗୋଟିଏ ଭଜନ ଗାଆନ୍ତି ଆଉ ଶ୍ରୋତାଙ୍କ ମନକୁ ମୋହି ନିଅନ୍ତି ।

ତାଙ୍କର କାଳଜୟୀ ଗୀତ ଗୁଡିକ ମଧରେ- ଏ ଆଲୋ ଆଲୋ ମଣି, କାଳି ଗୋରୀ ଦୁହେଁ ଗାଧେଇ, ସାବି ସାବି ତୁ ତ ମୋର ନାଲି ପାନ ବିବି, ପୂର୍ଣ୍ୟର ନଦୀ ତୀରେ ପାପର ତରୁ ଡ଼ାଳେ, ଉଡ଼ି ଉଡ଼ି ଉଡ଼ି ଯାରେ ଗୁଡ଼ି, ବୟସର କୃଷ୍ଣଚୂଡ଼ା ରଙ୍ଗ ତୁମ ମନ୍ଦ ନୁହେଁ, ଯା ଯାରେ ଭାସି ଭାସି ଯାଆ ନଉକା ମୋର ଭାସି ଯାଆ, ଏଇ ଚୁମକି, ଟିକ୍ ଟିକ୍ ଟିକ୍ ଘଣ୍ଟା ଚାଲେ, ରଜା ଝିଅ ସାଙ୍ଗେ, କଳଙ୍କିତ ଏଇ ନାୟକ, ଅବୁଝା ପ୍ରିୟତମା, ସକାଳର ଗାଡ଼ି ଏବଂ ନଣ୍ଡା ମୁଣ୍ଡିଆ ଡ୍ରାଇଭର, ଉଡ଼ିଗଲା ଗେଣ୍ଡାଳିଆ ଝାଡ଼ିଦେଲା ପାରା, ଆଲୋ ରତନୀ ଗଜ ଗମନୀ, ହେ ଫଗୁଣ ତୁମେ ଗଲା ପରେ ପରେ, ନଦୀର ନାମ ଅଳସ କନ୍ୟା, ହସ ତୋ ଲକ୍ଷେ ଟଙ୍କା ଆଦି ରହିଛି। ଚାହା ମାଗିଗଲେ ଚିନି ନାହିଁ ଆଉ ପାନ ମାଗିଗଲେ ଗୁଆ ନାହିଁ ପଇସା ମାଗିଲେ ଖୁଚୁରା ନାହିଁ କହୁଛି ମୁଁ ସତ ଖୁଚୁରା ନାହିଁ । ତାଙ୍କର ପ୍ରତ୍ୟେକ ଗୀତରେ ଥିଲା ବାସ୍ତବତାର ବର୍ଣ୍ଣନା । ତେଣୁ ପ୍ରତ୍ୟେକଟି ଓଡିଆ ସେହି ଗୀତ ସହିତ ନିଜକୁ ହଜେଇ ଦେଉଥିଲେ । ସେଥିପାଇଁ ସମୟ ବଦଳିଥିଲେ ବି ଖୋକାଭାଇ ସମସ୍ତଙ୍କ ମନରେ ଅଦେଖା ଚଇତି ଛୁଆଁ ହୋଇ ଏବେ ବି ରହିଛନ୍ତି । ସ୍ମୃତି ତୁମେ ପାଉଁଶ ତଳର ନିଆଁ, ସ୍ମୃତି ତୁମେ ଅଦେଖା ଚଇତି ଛୁଆଁ ଗୀତ ଭଳି ଅନେକଙ୍କ ପାଇଁ ଆଜି ବି ଖୋକାଭାଇଙ୍କ ସ୍ମୃତି ପାଉଁଶ ତଳର ନିଆଁ ଭଳି ଉଶୁମ ଆଉ ସତେଜ । ତା'ଛଡା ତାଙ୍କ ଫିଲିମ ଗୀତଠାରୁ ତାଙ୍କ ଅଣଫିଲିମ ଗୀତ କମ୍ ଲୋକପ୍ରିୟ ନଥିଲା । ତାଙ୍କ ବିନା ଏବେ ଓଡିଶାରେ ଦଶହରା ପୂଜା ଛୁଟି ଆଉ ପୂଜା ଛୁଟି ଭଳି ଲାଗୁନି । ପ୍ରତି ବର୍ଷ ପୂଜା ପୂର୍ବରୁ ସେ କଲିକତା ଯାଇ ପୂଜା ରେକର୍ଡ ବନାଉଥିଲେ । ସେହି ଗୀତ ମଧ୍ୟରୁ ଗୋଟିଏ ଥିଲା 'ଯା ରେ ଭାସି ଭାସି ଯା '। ସେତେବେଳେ ଅଧିକାଂଶ ପ୍ରେମଗୀତ ପ୍ରକ?ତି ସହିତ ଯୋଡି ହେଉଥିଲା ଗୀତ । ଅକ୍ଷୟ ମହାନ୍ତି ଓ ମାୟାଧର ମାନସିଂହଙ୍କ ବିନା ମହାନଦୀ, ମହାନଦୀ ନୁହେଁ । ପୂଜା ଗୀତ ମଧରେ ତାଙ୍କର 'ଆଲୋ ମଣି', 'ବା ବାରେ କେପିଟାଲ', 'ସ୍ନେହର ବାସନ୍ତି', 'ନଣ୍ଡାମୁଣ୍ଡିଆ ଡାଇଭର', 'ଯେତେଥର ଘରକୁ ଗଲି ଦେଖା ହେଲା ନାହିଁ', 'ପ୍ରେମର ଫରମୁଲା', 'ରଜାଝିଅ ସଙ୍ଗେ', 'ମୋତେ ସାରିଲା ସାରିଲା ତୋ ନାକର ଗୁଣା' - ଏମିତି ଶହ ଶହ ଗୀତ କାଳଜୟୀ । ଯେଉଁମାନେ ତାଙ୍କୁ ଜାଣନ୍ତି,ତାଙ୍କ ଗୀତକୁ ଭଲ ପାଆନ୍ତି ସେମାନେ ଗୋଟିଏ ଧାଡିରେ କୁହନ୍ତି ଯେ, ଅକ୍ଷୟ ଅର୍ଥାତ ' ଅ ' ଠାରୁ ' କ୍ଷ ' ପର୍ଯ୍ୟନ୍ତ ଜାଣିଥିବା ଚରିତ୍ର ଆଉ ମହାନ ବ୍ୟକ୍ତି । ଅକ୍ଷୟ ମହାନ୍ତି ଥିଲେ ଖାଣ୍ଟି ଓଡିଆ ଆଉ କୌଣସି ବୟସ, ଜାତି, ଅଞ୍ଚଳ ଭିତରେ ତାଙ୍କର ସ?ଷ୍ଟି ସୀମିତ ନଥିଲା । ସେ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ସବୁଦିନେ ଓଡ଼ିଶା ବାସୀଙ୍କ ହୃଦୟରେ ଅଲିଭା ଜ୍ୟୋତି ହୋଇ ରହିବେ ନିଶ୍ଚିତ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦



ବିଶ୍ୱବିଜୟୀ ଦାଶ

## ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟକ ଅକ୍ଷୟ ମହାନ୍ତି



ଓଡ଼ିଆ ସଙ୍ଗୀତ ଦୁନିଆର କାଳଜୟୀ ତଥା ଲୋକପ୍ରିୟ ସଙ୍ଗୀତଜ୍ଞ ଚିର ସବୁଜ ଅକ୍ଷୟ ମହାନ୍ତି। ଅକ୍ଷୟ ମହାନ୍ତି ଆଗର କେନ୍ଦ୍ରାପଡ଼ା ଓ ଏବେର କଟକ ଜିଲ୍ଲାର ବାଙ୍କିମୁଣ୍ଡେଇ ଗ୍ରାମରେ ୧୯୩୬ ମସିହା ଅକ୍ଟୋବର ୧୨ ତାରିଖ ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ବିଚିତ୍ରାନନ୍ଦ ମହାନ୍ତି ଓ ମାତାଙ୍କ ନାମ ସୁବର୍ଣ୍ଣ ମଞ୍ଜରି ଦେବୀ। ସେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରୁ ଆଇ.ଏସ.ସି ଓ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ ପାସ କରିଥିଲେ।ମଧୁସୂଦନ ଆଇନ ମହାବିଦ୍ୟାଳୟରୁ,ସେ ଆଇନ ଶିକ୍ଷା ମଧ ଗ୍ରହଣ କରିଛନ୍ତି। ବଡ ଭଉଣୀ ସୁଲକ୍ଷଣା ପଟ୍ଟନାୟକଙ୍କଠାରୁ ପ୍ରଭାବିତ ଅକ୍ଷୟ, ୧୯୪୮ ମସିହାରେ ଅକ୍ଷୟ ଆକାଶବାଣୀର ପ୍ରତିଷ୍ଠା ଦିବସରେ ଜଣେ ଶିଶୁଶିଳ୍ପୀ ଭାବରେ ଅଂଶଗ୍ରହଣ କରିଥିଲେ । ଏହା ତାଙ୍କର ସଂଗୀତ କ୍ଷେତ୍ରରେ ପ୍ରଥମ ପ୍ରବେଶ । ୧୯୫୫ ମସିହାରୁ ସେ ଜଣେ ସ୍ୱୀକୃତିପ୍ରାପ୍ତ ବେତାର ଶିଳ୍ପୀ।ମାତ୍ର ୨୨ ବର୍ଷ ବୟସରେ କଟକ ଆକାଶବାଣୀଠାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ, ହେଲେ ସାତ ବର୍ଷ ପରେ ଚାକିରି ଛାଡ଼ି ପୁରା ସମୟ ସଙ୍ଗୀତ ପାଇଁ ହିଁ ଦେଇଥିଲେ । ସେତେବେଳକୁ ସେ ଆକାଶବାଣୀ, କଟକର ଜଣେ ଗାୟକ ଭାବରେ କଳଗାଉଣା (ଗ୍ରାମୋଫୋନ) ଜରିଆରେ କଣ୍ଠଦାନ କରୁଥିଲେ।

କଟକ ଆକାଶବାଣୀର ସୁଗମ ସଙ୍ଗୀତଠାରୁ ଓଡ଼ିଆ ସିନେମା ସଙ୍ଗୀତ ଏବଂ ଆଧୁନିକ ଓଡ଼ଆ ସଙ୍ଗୀତ ଯାଏଁ ସବୁଠି ଅକ୍ଷୟ ମହାନ୍ତି (ଖୋକା ଭାଇ) କରିଥିଲେ ଏକ୍ସପେରିମେଣ୍ଟ। ତାଙ୍କ ସଙ୍ଗୀତରେ ଏମିତି ଯାଦୁ ଥିଲା ଓ ନିଆରାପଣ ଥିଲା ଯେ, ବଲିଉଡର ବଡ଼ ବଡ଼ ସଙ୍ଗୀତକାର କହୁଥିଲେ, ଯଦି ଖୋକା ଭାଇ ବମ୍ବେ ଯାଇଥା'ନ୍ତେ ଓଡ଼ିଶାର ନାଁକୁ ଆହୁରି ଝଲମଲ କରିଥା'ନ୍ତେ।

ଅକ୍ଷୟ ମହାନ୍ତିଙ୍କ ଶବ୍ଦରେ ଓ ସୁରରେ ଥିଲା ଖାଣ୍ଟି ଓଡ଼ିଆମୀ। ସମାଜର ସାଧାରଣ ଲୋକର କଥା କହୁଥିଲା ତାଙ୍କ ଗୀତ। ସେଥିପାଇଁ କଟକର ବଦମାସ୍ ଟୋକାଙ୍କଠାରୁ ଘର କଣର ନୂଆବୋହୂ ପର୍ଯ୍ୟନ୍ତ ସମସ୍ତେ ଗୁଣୁଗୁଣଉ ଥିଲେ ତାଙ୍କ ଗୀତ।

ଅକ୍ଷୟ ମହାନ୍ତି ଆଧୁନିକ ଗୀତ ପାଇଁ ବେଶ୍ ପରିଚିତ ଥିଲେ। ହେଲେ ସେ ମଧ ଗାଇଥିଲେ ଅନେକ ହୃଦୟସ୍ପର୍ଶୀ ଭଜନ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଅନେକ ଭକ୍ତି ସଙ୍ଗୀତ ଏବେ ବି ଶ୍ରୋତାଙ୍କୁ ଟାଣି ଧରେ। ଅକ୍ଷୟ ମହାନ୍ତି ଥିଲେ ଜଣେ ଆଶୁ କବି। କହୁ କହୁ ଲେଖି ପକାଉ ଥିଲେ ଗୀତ। ସବୁ କଥାରେ ତାଙ୍କୁ ଗୀତ ଦିଶୁଥିଲା। ନିଜେ ଲେଖିଥିବା ଗୀତକୁ ସେ ଯେଭଳି ମନ ଦେଇ ସଙ୍ଗୀତ ସୃଷ୍ଟି କରୁଥିଲେ, ଅନ୍ୟ ଗୀତିକାର ମାନଙ୍କ ଲେଖାକୁ ମଧ ସେଭଳି ଜୀବନ ଦେଉଥିଲେ। ଅକ୍ଷୟ ମହାନ୍ତି ତାଙ୍କ ଜୀବନ କାଳ ମଧରେ ଶହେ ଅଣତିରିଶିଟି ଚ଼ଳଚ୍ଚିତ୍ର ପାଇଁ ଗୀତ ଗାଇଥିଲେ, ବୟାନବେଟି ଚ଼ଳଚ୍ଚିତ୍ର ପାଇଁ ଗୀତ ଲେଖିଥିଲେ ଏବଂ ପଞ୍ଚସ୍ତରି ଚ଼ଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶକ ଥିଲେ। ତାଙ୍କ ଜଣାଶୁଣା ଗୀତ ଗୁଡ଼ିକ ହେଲା ରଜାଝିଅ ସାଙ୍ଗେ, ଯାଯାବର, ଯା'ରେ ଭାସି ଭାସି ଯା, ଗାଇଆଳ ଭାଇ ଗାଉଛି ଗୀତ, ସ୍ମୃତି ତୁମେ ବୟସର କୃଷ୍ଣଚୁଡ଼ା, ଉଡ଼ି ଉଡ଼ି ଉଡ଼ି ଯା'ରେ ଉଡ଼ି, ପୁଣ୍ୟର ନଦୀତିରେ, ଅବୁଝା ପ୍ରିୟତମା,ସାବି ସାବି,ଆଲୋ ରତନି ହେ ଫଗୁଣ ତୁମେ ଗଲା ପରେ, ନଣ୍ଡା ମୁଣ୍ଡିଆ ଡାଇଭର, ସକାଳର ଗାଡ଼ି, ବେବି ଏକ ଗେହ୍ଲା ଝିଅ, ଟିକ ଟିକ ଟିକ ଘଣ୍ଟା ଚାଲେ, ଛପି ଛପି ବାସନ୍ତୀ ରାତି, ରେଳଗାଡ଼ି ଯାଉଛି ଗଡ଼ି, ସାତ ଦରିଆ ପାରେ, ଚନ୍ଦ୍ରମା ଏକ ଚନ୍ଦନ ବିନ୍ଦୁ, ଚନ୍ଦ୍ରମଲ୍ଲୀ ହସେ, ଏ ଏ ଏ ଆଲୋ ଆଲୋ ମଣି, ରାତି ଯେ ଖୋଜେ, କଳଙ୍କିତ ଏଇ ନାୟକ, ହସ ତୋ ଲକ୍ଷେ ଟଙ୍କା, ଠିକ ତୋରି ପରି ଝିଅଟିଏ, ଜାତକ ପଡ଼ିଛି ରାଜକୋଟକ ପରି ଆହୁରି ଅନେକ। ତାଙ୍କ କଥାଚିତ୍ର ଗୁଡ଼ିକ ହେଲା ମଲାଜହ୍ନ, କିଏ କାହାର, ସଂସାର, ଯାଯାବର, ନାଗଫାଶ, ତଅପୋଇ, ଝିଲିମିଲି, ନିଝୁମ ରାତିର ସାଥି,ଶ୍ରୀ ଜଗନ୍ନାଥ, କିଏ ଜିତେ କିଏ ହାରେ, ଅଶାନ୍ତ ଗ୍ରହ, ମହାସତୀ ସାବିତ୍ରି, ସ୍ୱପ୍ନ ସାଗର, ଦଣ୍ଡା ବାଳୁଙ୍ଗା, ଜାଇଫୁଲ, ଜଗା ହାତରେ ପଘା, ଶଙ୍ଖା ସିନ୍ଦୂର, ମମତା ମାଗେ ମୂଲ, ନଳ ଦମୟନ୍ତୀ, ବାଜେ ବଇଁଶୀ ନାଚେ ଘୁଙ୍ଗୁର, ଚକାଭଉଁରି,ସବୁ ମାୟାରେ ବାୟା, ଏଇ ଆମ ସଂସାର, କରୁଣାମୟ, ବଧୂ ନିରୁପମା, ଏଇ ତ ଦୁନିଆଁ, ତୁଣ୍ଡ ବାଇଦ, ଯୋର ଯା'ର ମୂଲକ ତାର, ଥିଲି ଝିଅ ହେଲି ବୋହୂ, ସୁନା ଚଢ଼େଇ, କୁରୁକ୍ଷେତ୍ର, ପାପପୁଣ୍ୟ, ପୁଅ ମୋର କଳା ଠାକୁର, ମମତାର ଡୋରି, ଚ଼କା ଆଖି ସବୁ ଦେଖୁଛି, ବିଧିର ବିଧାନ, ଆସୁଛି ମୋ କାଳିଆ ସୁନା, ଦଇବ ଦଉଡ଼ି ମଣିଷ ଗାଇ,ଚକା ଡୋଳା କରୁଛି ଲୀଳା,ଠାକୁର ଅଛନ୍ତି ଚଉବାହାକୁ, ପରଦେଶୀ ଚଢ଼େଇ କାଳିଆ ଭରସା, ଆମ ଘର ଆମ ସଂସାର, ତୋ ବିନୁ ଅନ୍ୟ ଗତି ନାହିଁ, କୋଟିଏ ମଣିଷ ଗୋଟିଏ ଜଗା, କପାଳ ଲିଖନ କେ କରିବ ଆନ,ଭୀଷ୍ମ ପ୍ରତିଜ୍ଞା, ସୁନା ଭାଉଜ, ରଖିଲେ ଶିବ ମାରିବ କିଏ, ଲକ୍ଷ୍ମଣ ରେଖା,ଜୟ ଜଗନ୍ନାଥ। ତାଙ୍କ ଭଜନ ଗୁଡ଼ିକ ହେଲା ଏକା ତୋ ଭକତ ଜୀବନ, କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ, ଓଲଟ ବୃକ୍ଷେ ଖେଳୁଛି, ଦଶାବତାର (ଗୀତ ଗୋବିନ୍ଦ), ଶ୍ରୀକୃଷ୍ଣ ବଂଶୀ ଧ୍ୱନି,ଜୟ ଜୟ ଜଗନ୍ନାଥ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)







### ସ୍ୱପ୍ନ.....

ସୁନୀତା ପ୍ରଧାନ

ଏତେ ଦିନ ପରେ ହଠାତ୍
ଆଜି ମନେ ପଡ଼ିଲା ତା କଥା....
ତାକୁ ହଜେଇ ଦେଇଥିଲି କେବେଠାରୁ
କେତେବେଳେ କୋଉଠି
କେମିତି କେଜାଣି.....
ମୁଁ ତାକୁ ଖୋଜିବାକୁ ଲାଗିଲି
ଏଠି ସେଠି ସବୁଠି
ପାଗେଳିଙ୍କ ପରି।
ମୁଁ ଖୋଜୁ ଥିଲି ତାକୁ
ଦିନ ରାତି
ଅବିଶ୍ରାନ୍ତ ଭାବରେ...
ଠାକୁର ଘରେ
ସକାଳର ଧୂପରେ
ସଂଧ୍ୟା ଆଳତୀରେ।
ଗୋଧୂଳିର ଲୋହିତ ଆକାଶରେ
ପକ୍ଷୀଙ୍କ କଳ ରବରେ।
ବଗିଚାର ଫୁଲ ମଧରେ
ନଈର ପାଣି ସୁଅରେ.....
ଜହ୍ନଙ୍କ ମେଳରେ
ତାରା ଗହଳରେ
ରାତିର ଅନ୍ଧାରରେ
ଦିନର ଆଲୁଅରେ....
ଛାଇ ଆଲୁଅର ଖେଳ ମଧରେ।
ପୁଣି ଖୋଜି ବାକୁ ଲାଗିଲି ତାକୁ
ଚୁଡ଼ିର ରୁଣୁଝୁଣୁ ଶବ୍ଦରେ
ସିନ୍ଦୂରର ରଂଗରେ
ଆଖିର କଜ୍ଜଳରେ
ସ୍ୱାମୀଙ୍କ ସୋହାଗରେ..।
ଛୁଆଙ୍କ ବସ୍ତାନୀ ମଧରେ
ସେମାନଂକ ହସ ଲୁହ କାନ୍ଦ ମଧରେ
ସେମାନଂକ ଅଳି ଅଝଟରେ
ସେମାନଂକ ନିଦରେ
ସେମାନଂକ ମିଠା ମିଠା କଥାରେ।
ଖୋଜି ଖୋଜି ଥକି ପଡିଲି
ତଥାପି ତାକୁ ପାଇଲି ନାହିଁ।
ଏଥର ଖୋଜିଲି ତାକୁ
ସ୍ୱାମଙ୍କ ଫାଇଲ ମଧରେ
ଛୁଆଙ୍କ ହୋମ ୱର୍କରେ
ରୋଷେଇ ଘରର ସିଂଙ୍କରେ
ବାସନ କୁସନ୍ର ଖଡଖାଡ ଶବ୍ଦରେ।
ତେଲ ମସଲା ଡବା ମଧରେ
ଭାତ ତରକାରୀର ବାସ୍ନାରେ
ଲୁଣ ହଳଦୀର ଭାଗ ମାପରେ.....।
ଶଶୁରଙ୍କ ଚାହା କପରେ
ଶାଶୁଙ୍କ ପାନ ବଟୁଆରେ
ନଣନ୍ଦ ମାନଂକ ଭାର ଥୋର୍‌ରେ
ପୁନେଇ ପରବରେ
ଓଷା ବାର ବ୍ରତରେ.....।
ନା କୋଉଠି ବି ତାକୁ ପାଇଲିନି
ଖୋଜି ଖୋଜି ନିରାଶ ହେଲି
ଥକ୍କା ମାରି ଘଡ଼ିଏ ବସି ପଡିଲି।
ହଠାତ କେହି ଜଣେ ଚିତ୍କାର କଲା
ମୁଁ ଏଇଠି ଅଛି ଏଇଠି....
ମୁଁ କାନେଇଲି ସେ ସ୍ୱରକୁ
ଏକ ନିବୁଜ କୋଠରୀରୁ
ଆସୁଥିଲା ସେ ସ୍ୱର
ଅତି କ୍ଷୀଣ ସ୍ୱର....।
ଚାରିଆଡେ ଅସଂଖ୍ୟ ପ୍ରହରୀ
ସଂସ୍କାର ପ୍ରଥାର କଡ଼ା ସୁରକ୍ଷା ମଧରେ
ଶୃଙ୍ଖଳର ବେଡି ମଧରେ
ସେ ହୋଇ ଉଠୁଥିଲା ଅଣନିସ୍ୱାଶି।
ମୁଁ ପରସ୍ତ ପରସ୍ତ କରିଶୃଙ୍ଖଳ
ସବୁ ଖୋଲିବାକୁ ଲାଗିଲି
ପରି ଶେଷରେ ତାକୁ
ମୁକୁଳାଇବାରେ ସଫଳ ହେଲି।
ତାକୁ ଆସ୍ତେ ଝାଡି ଦେଲି
କେବେ ଠାରୁ କଳଙ୍କି ଲାଗି
ଭାଙ୍ଗି ରୁଜି ଯାଇଥିବା
ମନଟିକୁ ସଫା କଲି....
ତାକୁ ବୋଧ ଦେଲି
ତାକୁ ବୁଝିବାକୁ ଚେଷ୍ଟା କଲି
ତା ଅନ୍ତଃସ୍ୱରକୁ ଚିଂହି ବାକୁ ଲାଗିଲି
ତା ମନ କଥାପଢିବାକୁ ଲାଗିଲି....
ସେ ଏବେ ମୋତେ କହିଲା
ସମସ୍ତଙ୍କ ମନକୁ ବୁଝୁ ବୁଝୁ
ସମସ୍ତଙ୍କ ଇଛାକୁ ପୂରଣ କରୁ କରୁ
ତୁ ମୋତେ ଭୁଲି ଗଲୁ।
ଏବେ ଥରେ ଆଖି ଖୋଲି ଦେଖ
ମୁଁ ଅଛି ତୋ ଭିତରେ
ମୋତେ ଚିହ୍ନିବାକୁ
ଥରେ ଚେଷ୍ଟା କରେ....
ତୋ ସ୍ୱପ୍ନ ସବୁକୁ ଏମିତି
ସମାଧି ଦେଇ ଦେନା ସାଗରର
ଉତ୍ତାଳ ଜୁଆରରେ
ସେ ସ୍ୱପ୍ନ ସବୁକୁ ମୁକ୍ତ କରି ଦେ
ଭରିବାକୁ ଦେ ଏକ ନୂଆ ଉଡାଣ
ସ୍ୱପ୍ନର ଦୁନିଆରେ।

+ଲକ୍ଷ୍ମୀପୁର
କୋରାପୁଟ

### କହିବ କି ପାର୍ବଣ ?

ନିରଞ୍ଜନ ସାହୁ



ପାର୍ବଣ ଆସିଲେ ଏ ଅବୁଝା ମନ
ଛଟପଟ ହୁଏ କାହିଁକି
ଯେତେ ବୁଝାଇଲେ କଦାପି ବୁଝେନା
ରହେ କାହା ବାଟ ଚାହିଁକି ?
ଏମିତିକି ମୋର କିଏସେ ଅଛି ଯେ
ମନ ହୁଏ ଥେଇ ଥେଇ
ଆଖି ଖୋଜୁଥାଏ ଚାରିଆଡେ ବୁଲି
ଦେଖିବାକୁ କାହା ଛାଇ
ହେ ପାର୍ବଣ ମୋତେ ଏ ପ୍ରଶ୍ନ ଉତ୍ତର
କହିପାରିବ ନା ନାହିଁକି ?
ହେ ପାର୍ବଣ ତୁମେ ଯେବେ ପାଦ ଦିଅ
ମନ ଅମାନିଆ ହୁଏ
କାହିଁକି କେଜାଣି ଛନ୍ନଛନ୍ନ ହୋଇ
ମନ ଉଡିଉଡି ଯାଏ
ହେ ପାର୍ବଣ କୁହ ତାହାରି ଠିକଣା
ମନ ଧାଇଁଯିବ ତହିଁକି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ: ୯୯୩୮୭୪୧୫୮୩

### ମାଆ ଓ ମମତା

ଧ୍ରୁବ ଚରଣ ବେହେରା



ଅପୂର୍ବ ବନ୍ଧନ ଶୈଶବର ସ୍ୱର
କୋଳ ଶିଶୁ ଜାଣେ ନାହିଁ
ବିଧାତା ଲେଖିଛି ମମତାର ମୋହ
ମାଆଠାରୁ ଶିଶୁ ପାଇଁ
ଧନ୍ୟ ସେ ବିଧାଣି ଧନ୍ୟ ତା'ର ସୃଷ୍ଟି
ମୁଖେ ଭରଇ ଅମୃତ
କୋମଳ କଳିକା ଫୁଟି ମହକଇ
ଦେଖି ଲାଗେ ଆଚମ୍ବିତ ।
ସ୍ୱତଃ ପ୍ରତିଦାନେ ନାହିଁ ଆବିଳତା
ଖୋଜେନି କେବେ ପାଉଣା
କ୍ଷୀରେ ଭରି ଦେଇ ମମତାର ସ୍ନେହେ
ମାତୃତ୍ୱ ରଚା ଠିକଣା ।
ଆହା କି ସୁନ୍ଦର ପବିତ୍ର ସଂପର୍କ
ମାତୃତ୍ୱ ପ୍ରେମର ଭକ୍ତି
ମାଆ କୋଳ ଶିଶୁ ପାଳିତ ଜୀବନ
ବିଧିର ନ୍ୟାୟେ ନିଷ୍ପତି ।
କାହା ଭାଗ୍ୟ ବିହି ଲେଖିଅଛି କିଶ
କେହିତ ନଥାଏ ଜାଣି
ଅମୂଲ୍ୟ ସଂପର୍କେ ବନ୍ଧା ଏ ଜଗତ
ଦେଖି ହେବେ ଜ୍ଞାନୀ ଗୁଣି ।
କାହା ପାଇଁ ଏଠି
ରାଜଭୋଗ କୋଠା
କା ଜୀବନେ ଗଛ ଛାଇ
ମାଆର ମମତା ବନ୍ଧା ପଡିଥାଏ
ଶିଶୁ ଲାଗି ପୁଣ୍ୟ କୋଠି ।
ମମତାର କୋଳେ ବଢି ଦିନେ ମୁହିଁ
ଦେଖିଲି ଏହି ଦୁନିଆ
ମୁଖେ ଥାଉ ସଦା ପୁଣ୍ୟମୟୀ ନାମ
ସେହି ମୋ ଯଶୋଦା ମାଆ
ବାତ୍ସଲ୍ୟତା ତା'ର ସରଗର ସୁଖ
ଭୁଲି ହେବନାହିଁ କେବେ
ତା' ନାମରେ ଯେଉଁ ମିଳଇ କରୁଣା
ନ ମିଳେ ଦେବ ବୈକୁଣ୍ଠେ
ଧନ୍ୟ ଜଗନ୍ନାଥ ମହିମା ତୋହର
ଧନ୍ୟ ତୋ ପବିତ୍ର ସୃଷ୍ଟି
ଶୈଶବର ସ୍ୱରେ ଲେଖା ରାମ ନାମ
ଅପାର ଆଶିଷ ବୃଷ୍ଟି ।

+ଭାରତୀୟ ସାମରିକ ସେନା
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

# କବିତାମାଳା

## ଜୁଆର ଯେଉଁଠି ଉଠେ

### ଭରତ ଚନ୍ଦ୍ର ଦାଶ



ଜୁଆର ଯେଉଁଠି ଉଠେ
ଭଙ୍ଗା ପଡିବାର ଉପକ୍ରମ
ଅଗୋଚରେ ଥାଏ
କାଳର ଅଦୃଶ୍ୟ ଦୃଶ୍ୟରେ
ଧୋଇଦିଏ ସମୟର
କଳଙ୍କର ଦାଗ
ପୋଛିଦିଏ ପୀଡନର ଲୁହ
ମାନବର ସଞ୍ଚିତ ଦୁଃଖକୁ
ବଦଳାଇପାରେ ସମୟ ନିର୍ଘଣ୍ଟ
କବି ମାନସିଂହ
ଯା' ଶିରରେ ରଖିଥିଲେ
ଆଶିଷର ହାତ
ଯାହା ବିଧି ନିର୍ଦ୍ଦେଶିତ ।

ସୃଜନର
ନନ୍ଦନବନରୁ ସୃଷ୍ଟ
ମନୋରମ ଅନନ୍ୟ
ସୁଗନ୍ଧିତ ପୁଷ୍ପଟିଏ
ମନୋରମା
ଚିର ବନ୍ଦନୀୟା
ନିବେଦିତ ବିଭୁ
ପଦାରବିନ୍ଦରେ
ବ୍ରହ୍ମମୟୀ ତପସ୍ୱିନୀ
ସାଧନାର ସିଦ୍ଧିରେ
ସୃଜିପାରେ ସୃଜନର ନାଦ
ଯାହା କାଳରେ ପ୍ରମାଦ
ପୁଣି ମାନବବାଦର
କରୁଣାପ୍ଳୁତ ସେବାରେ
ବାସ୍ନାୟିତ ହୋଇପାରେ
ସେବିତର ପୀଡା ।

ଶବ୍ଦବ୍ରହ୍ମର
ଉଚ୍ଚାରଣରେ ଦୁର୍ବାର
ସ୍ୱର୍ଦ୍ଦିତର ସ୍ୱର
କରିପାରେ ରନ୍ଧ୍ର ଦୁର୍ଜ୍ଜୟ
ପ୍ରାଚୀର ପାଠକର ପ୍ରାଣେ
ସମର୍ପିତ ମୁଦ୍ରାରେ ପ୍ରେମସିକ୍ତ
ହୃଦୟ ତଲ୍ଲୀନ ତଦ୍ଗତା
ଜଗତର ନାଥଙ୍କ ଗୁଣଗାନ
ତୁମ ବିନା କିଏ କରିପାରେ ?
କବିତାର ପଂକ୍ତି ଝରିପଡେ
ପୀୟୂଷର ଝରସମ ଅଧରୁ ତୁମର
ବିସର୍ଜିତା ସ୍ମୃତିଚନ୍ଦନର
ରୂପ ନେଇ ଶକ୍ତି ରୂପେଣ ସଂସ୍ଥିତା
ଆମେ ସବୁ ନିରବ ଦର୍ଶକ
ସମସାମୟିକ ରୁଷୀୟ କବିତା
ବ୍ୟୁହଭେଦ କରେ
ଶୋକର ସନ୍ତାନ
ମନସ୍ୱିନୀ ମନୋରମା
ସ୍ମୃତିର ନୈମିଷାରଣ୍ୟେ
ସ୍ମୃତିସଭା କରେ
ଏ ପୃଥିବୀ ଶରଶଯ୍ୟା ପରେ
ପ୍ରତୀକ୍ଷା କରେ ମାହେନ୍ଦ୍ରଲଗ୍ନକୁ
ବନ୍ଦ ଘରର କବାଟ ଫାଙ୍କରେ
ଉଇଁ ଆସେ ଜୀବନର ରବି
ଦକ୍ଷିଣାୟନରେ ଉତ୍ତରୀତ
ତୁମ ପ୍ରଜ୍ଞାଦୀପ୍ତ ଜ୍ଞାନାଧାର
ଜୀବନ ପ୍ରଦୀପ ନିର୍ବାପିତ
ଅରୁଣିମା ଗୋଧୂଳି ବେଳାରେ ।

ରତ୍ନଗର୍ଭା ଏ ମାଟିର
ଦେବୀକନ୍ୟା ତୁମେ
ହାଣ୍ଡିଶାଳରୁ ରାଜ ଦରବାର
ଜିଣିଥିଲ ସବୁରି ହୃଦୟ
ତୁମ କୃତି କୀର୍ତ୍ତିସ୍ତମ୍ଭେ
ଚିର ଆୟୁଷ୍ମାନ
ଯାହା କାଳରେ ଅମ୍ଳାନ
ଶିକ୍ଷା ଦୀକ୍ଷା ବାଗ୍ମୀତାରେ
ତୁମେ ହିଁ ତ ତୁମର ବିକଳ୍ପ
ନିର୍ବିକଳ୍ପ ସମାଧିରେ
ମହୋଦଧି ପରେ
ତୁମେ ବ୍ରହ୍ମଲୀନ
ଯାହା ଜନନେତ୍ରେ ଦିଶେ
ଉତ୍କଳ ସାହିତ୍ୟ ଧନ୍ୟ
ତୁମ ଲେଖନୀ ପରଶେ ।

ହେ ବାଣୀପୁତ୍ରୀ
ଅବର୍ତ୍ତମାନରେ ଘେନ
ହୃଦୟର ଅୟୁତ ନମନ
ସୃଜନ ମଣ୍ଡଳେ ତୁମ କୀର୍ତ୍ତି
ଚିର ଜ୍ୟୋତିଷ୍ମାନ ।

+ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ସାରସ୍ୱତ ନିବାସ, ଗୌଡଦିଆ, ସିମୁଳିଆ
ବାଲେଶ୍ୱର - ୭୫୬ ୧୨୬
(ମୋ)୯୪୩୭୩୭୨୧୬୬

## ଚୋରା ବାଲି

### ପୁଷ୍ପାଞ୍ଜଳି ମିଶ୍ର



ହୃଦୟକୁ ଆଉ କେତେ ଯେ ଭାଙ୍ଗିବ
ଅଳପ ଜୀବନ ମୋର
ସାରା ରାତି ମୁହିଁ ଉଜାଗର ଅଛି
ରଜନୀ ଗନ୍ଧାର ପରି
କେତେ ସଜ ବାଜ ହୋଇ
ମୁଁ ତ ବସିଛି
ସତେକି ସ୍ୱର୍ଗ ର ପରୀ
ଛୋଟ ଛୋଟ ଖୁସି
ବଡ ବଡ ଦୁଃଖ
ସବୁକୁ ଯାଉଛି ସହି
ତୁମ ପ୍ରୀତି ଉପହାର ପାଇବା ପାଇଁ
ତୁମରି ବାଟକୁ ଚାହିଁ
ଦୁଃଖ ନଈ କୂଳେ
ବେଦନା ବିଧୂର
ଅଗାଢ ସମୁଦ୍ର ସେହି
ଭାବିଥିଲି ଟିକେ ତୁମରି ପରଶ
ମିଳି ଯାଇ ଥିଲେ ମତେ
ଦୁଃଖ ମୋ ଲାଘବ
ହୋଇ ଯାନ୍ତା ଥରେ
ଜୀବନ ସଂସାର ମଞ୍ଚେ
ପାରିବିକି ନାହିଁ
ସେ ପଥ ଅତିକ୍ରମ କରି
ଦିନ ଗଣୁଥାଏ ଖାଲି
ଶାନ୍ତ୍ୱନା ଦିଏ ମନକୁ ବୁଝାଏ
ଛାତିକୁ ପଥର କରି
ନିରାଶାକୁ କେବେ ସାହାରା ଦେବିନି
ଆଖିରେ ଦେବିନି ଲୁହ
କେତେ ଝଡ ଝଞ୍ଜା ସହୁଛି ସହିବି
ଲେଖା ମୋ କପାଳେ ବିହି
ମନକୁ ପଚାରେ ବୁଝାଇ ଦିଏ
ସାହସ ଦିଅ ହେ ହରି
ମୋ ଚାରି ପାଖରେ କେହି ନାହିଁ କେହି
ଏକା ମୁଁ ନିଜକୁ ନିଜେ
ଚୋରାବାଲି ଟିଏ ପରି

+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ) ୯୫୫୬୬୪୩୯୨୧

## ତୁମେ ଯେବେ ଦୂରେଇ ଯା'ଅ ...

### ଡମ୍ବରୁଧର ବେହେରା



ମୋ' ଅନ୍ତର ଆତ୍ମାରେ
ଏକ ପ୍ରକାର ଶିହରଣ
ସାଗରର ଅବିଶ୍ରାନ୍ତ ଢେଉ ଭଳି
ତରଙ୍ଗାୟିତ ହୋଇ
ମଥା ପିଟେ ମୋ ହୃଦୟର
ଗରମ ବାଲିର ପାଦଦେଶରେ...
ଶୁଖିଲା ଫୁଲ ପରି
ମୋର ମହାସାଗର ହୃଦୟ
ଗର୍ଜନ କରେ
ପ୍ରହାର ଦିଏ
ଆନମନା କରେ
ଅଧିକରୁ ଅଧିକ ବଞ୍ଚିବାର ଇଚ୍ଛା କମିଯାଏ
ଅନେକ ସମୟରେ ଭୋକରେ ରହେ ...
କାରଣ
ରୋଷେଇ ଘରେ ତୁମେ ପିନ୍ଧିଥିବା
ନାଲି ରଙ୍ଗ ଚୁଡିର ଶବ୍ଦ
ଆଉ ଶୁଣାଯାଏ ନାହିଁ
ଏବଂ କର୍ତ୍ତବ୍ୟ ପ୍ରତି ମୋର ପ୍ରତିବଦ୍ଧତା
ମୋତେ ବିଚଳିତ କରେ
ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ
ଆପଣାଛାଏଁ ବନ୍ଦ ହୋଇଯାଏ
ତାରା ଚମକିବାରେ ବିଫଳ ହୁଏ
ମନରେ ଆଘାତ ଲାଗେ
ମୋର ସୃଜନଶୀଳତା
ମୋତେ ଅସ୍ଥିର କରେ
ମୋ ଓଠର ଶବ୍ଦ ଗୁଡ଼ିକ
ମୋତେ ଶୀତୁଆ ସକାଳର
ଚାଦର ଭଳି ଜାବୁଡ଼ି ଧରିବାକୁ
ଚେଷ୍ଟା କରେ
ତଥାପି ବିଫଳ ହୁଏ
ମସିଣାରେ ଚାପି ହୋଇଯାଏ
ସେମାନେ ବାହାରକୁ ଆସିବା ପୂର୍ବରୁ
ମୋ ସ୍ୱପ୍ନ ସବୁ ଭାଙ୍ଗିଯାଏ
ପାଦତଳ ମାଟି ଭୁସୁଡି ଯାଏ
ମୁଁ ନିଜକୁ ନିଜେ ଭାଙ୍ଗି ପଡେ
ଯେହେତୁ ଆମ ସୁସଜ୍ଜିତ ଶୋଇବା କୋଠରୀ
ସୁଗନ୍ଧ ବିହୀନ ମନେ ହୁଏ
ସ୍ମୃତି ସବୁ ଘର ଚାରିପଟେ
ଘୁରି ଘୁରି ଥକି ପଡେ
କାନ୍ଥ ଟଙ୍ଗା ଦର୍ପଣରେ ଛବି ଦିଶେ ନାହିଁ
ବିତିଯାଇଥିବା ଦିନଗୁଡ଼ିକ
ମୋର ଇଚ୍ଛା ବିରୁଦ୍ଧରେ ଛିଡ଼ା ହୁଏ
ପ୍ରତିବାଦ କରେ
ଆଶା ସବୁ ସମତଳ ହୋଇଯାଏ
ରକ୍ତ ସବୁ ଥଣ୍ଡା ହୋଇଯାଏ
ମନର ଶକ୍ତି ଦୁର୍ବଳ ହୋଇଯାଏ
ତୁମ ବିନା
ଲାଗେ ଅଧୁରା ଅଧୁରା ଜୀବନ...!!

+ ନବୋଦୟ ବିଦ୍ୟାଳୟ,ଶିକ୍ଷକ
ସୁରଳ (ଗଞ୍ଜାମ)
ସମ୍ପର୍କ:୯୪୩୭୭୮୮୪୬୪

## ହଜେଇବା ଓ ପାଇବା ଭିତରେ ରାହୁଲ

### କମଳିନୀ ମଲ୍ଲିକ



ଜୀବୀକାକୁ ପଛରେ ଫୋପାଡ଼ି
ଆଗାମୀ ଜୀବନକୁ ଜାବୁଡ଼ି
ଫେରି ଆସିଥିଲା ଯୁବକ ରାହୁଲ
ଦୂର ରାଜ୍ୟରୁ ନିଜ ରାଜ୍ୟକୁ
ନିଜ ଜନ୍ମମାଟି ଓ ଆତ୍ମୀୟଙ୍କ ନିକଟକୁ,
ଅନ୍ତତଃ ଜୀବନଟା ଥିଲେ ତ
ସେ ଦେଖିପାରିବ ଆଗାମୀ ସକାଳର
ଅନେକ ସୂର୍ଯ୍ୟୋଦୟକୁ
ଦେଖିପାରିବ କିପରି ଘଟେ
ସଂଘାତରୁ ସର୍ଜନା ଓଓ
ନୈରାଶକୁ ସମ୍ଭାବନାକୁ ।

ବର୍ଷ ତମାମ
ଅନ୍ୟକୁ ସୁରକ୍ଷା ଯୋଗାଉଥିବା
ସୁରକ୍ଷା ଅଧିକାରୀ ରାହୁଲ
ଦିନେ ନିଜକୁ ଅସୁରକ୍ଷିତ ମଣିଲା
ଦିନର ଆଲୁଅ ଓ ରାତିର ଅନ୍ଧାରକୁ ବି ଡରିଲା
ଯୁଆଡ଼େ ଚାହିଁଲେ ଖାଁ ଖାଁ, ନୀରବତା,
ନିସ୍ତବ୍ଧତାର ବି ଥାଏ ପୁଣି
ଏମିତି ଭୟଙ୍କର କୁହାଟ
ବନ୍ଦ ହେଇଗଲା କଳ, କାରଖାନା
କମ୍ପାନୀ ଓ କେନ୍ଦ୍ରର ଫାଟକ
ବନ୍ଦ ହେଇ ଯାଉଥିଲା
ସବୁ ଘରର ଝରକା କବାଟ ।

ଏତେ ଭିଡ଼ ଓ ଅଗ୍ରତିରେ ଫାଟ କରି
କିଏ ପୁଣି ଆସଲି ଅତର୍କିତ
ଭୂତାଣୁ ନା ଭୂତ
ଅନିଶ୍ଚିତ କରିଦେଲା ଭବିଷ୍ୟତ
ବଦଳେଇଦେଲା ବର୍ତ୍ତମାନ
ଚିରାଚରିତ ଅଭ୍ୟାସସ
ପୃଥିବୀର ମୁହଁ ହେଲା ଶଙ୍କୁଚିତ
କେବଳ ଚାଲିଥିଲା ମୃତ୍ୟୁର ଭୟଙ୍କର ଚିତ୍ର ଓ
ବଂଚିବାର ବ୍ୟାକୁଳ ପ୍ରୟାସ ।
କିନ୍ତୁ ହାରି ନଥିଲା ରାହୁଲ
ସୁରକ୍ଷା ଦେବାପାଇଁ
ସେ ଯେମିତି ଥିଲା ପ୍ରତିଶ୍ରୁତିବଦ୍ଧ
ରାସ୍ତାକଡ଼ରେ, ଠେଲାଗାଡ଼ିରେ
ସେ ପୁଣି ଖୋଲିଦେଲା
ତା' ଜୀବନ ଜୀବିକାର ଏକ ଭିନ୍ନ କେନ୍ଦ୍ର
ବିକ୍ରି କଲା ମାସ୍କ, ସାନିଟାଇଜର
ଓ ପରଶୁଥିଲା ମିଠାଫଳର ସ୍ୱାଦ ।
ଆଗପଛ ହୋଇ ବାପାମା' ଚାଲିଗଲା ପରେ
ଦୁଇ ଭଉଣୀଙ୍କୁ ବାହା କରେଇ
ଛାଡ଼ି ଆସିଲା ଶାଶୁଘରେ
ସମ୍ପର୍କ ଯୋଡ଼ିଲା ନିଜର ନିଃସଙ୍ଗତା ସାଥୀରେ
ଆଶା ଓ ସ୍ୱପ୍ନଗୁଡ଼ାକ
ବେଶି ଧସେଇ ପଶନ୍ତି ନା ଏକ୍‌ଲା ପଣରେ
ସେଥିପାଇଁ ତ ଏକୁଟିଆ ରାହୁଲ
ପୁଣି ଠିଆହେଲା ଦର୍ପରେ, ଦମ୍ଭରେ
ଯେମିତି ଠିଆ ହେଉଥିଲା
ସେଇ ସୁଉଚ୍ଚ ପ୍ରାସାଦର
ବିରାଟ ଫାଟକ ସାମ୍ନାରେ ।

ଛାତିଏ ଆଶା ଓ ଆଖିଏ ସ୍ୱପ୍ନ ଧରି
ବେଳେ ବେଳେ ରାହୁଲ ହଜିଯାଏ
କିନ୍ତୁ ତା' ଠେଲାଗାଡ଼ି ଚାରିପଟେ
ଭିଡ଼ ଜମେଇଥିବା ଗ୍ରାହକଙ୍କ ଭିତରେ
ସେ ଖୋଜୁଥାଏ
ଏହି ଘୋର ପ୍ରଳୟର ଏକ ଚରମ ଅନ୍ତ
ଏବଂ ନିଜ ପାଇଁ
ଭିନ୍ନ ଏକ ଦୁନିଆଁର ନକ୍ସା ଓ ନକ୍ଷତ୍ର ।

+ ଘ.ନଂ.ଆଇ.ଭି. ୪୫/୧
ୟୁନିଟ-୧
ଭୁବନେଶ୍ୱର
(ମୋ)୯୮୫୩୫୨୩୮୮୩

## ମଧୁଛନ୍ଦାର ମଧୁବନ

### ମନୋଜା ନାୟକ

ମଧୁର ମଧୁର ସ୍ମୃତିରେ ତୁମର
ଝରିପଡୁଥାଏ ମଧୁ
ସେ ମଧୁ ବର୍ଷାରେ ମନ ପୁଲକିତ
ଆନ୍ଦୋଳିତ ଏହି ସିନ୍ଧୁ ।

ମନ ହୃଦୟକୁ ରୋମନ୍ଥନ କରି
ମଧୁକୁ ଝରାଇ ଦିଅ
ମଧୁମୟ ହୁଏ ଏଇ ଜୀବନ ଯେ
ଭାବମଗ୍ନ ମୁଁହି ପ୍ରିୟ ।

ଭାବ ପୁଲକିତ ଆତ୍ମା ବିଭୋରିତ
ହୁଏ କାହା ମଧୁ ସ୍ପର୍ଶେ
ସେ ସ୍ପନ୍ଦନ ଅକୁହା ଜୀବନ
ନିତି ରାସ ରସ ଆଶେ ।

ଭାବ ମଞ୍ଜୁଳରେ ମଧୁମତି ଦେଖ
ମୟୁଖକୁ ଚାହିଁ ବସେ
ସେ ଭାବରେ ଥାଇ ମଧୁର ମୂର୍ଚ୍ଛନା
ମନ ହୃଦୟକୁ ଭାସେ ।

ମଧୁମୟ ତାର ଜୀବନ ହସଇ
କାହା ମଧୁ ମୂର୍ଚ୍ଛନାରେ
ସେ ମୂର୍ଚ୍ଛନା ତାକୁ ଅଧିର କରଇ
ସେଇ ପ୍ରେମ ଭାବନାରେ ।

ମଧୁଛନ୍ଦା ଦେଖ ମଧୁ ମୂର୍ଚ୍ଛନାରେ
ଭିଜୁଛି ଅଧିରେ ବସି
ମଧୁକୁ ହରଣ କରିବାକୁ ଆଶା
ପ୍ରାଣ ଯେହୁଏ ପିଆସି ।

ପିଆସି ପ୍ରାଣକୁ ପ୍ରେମମୟ ସୁଧା
ଭିଜାଇବ ମଧୁକ୍ଷରା
ସେ ଭାବନା ମନ ମୋହି ନିଏ
ମଗ୍ନେ ସାଜି ଆତ୍ମହରା ।

ସ୍ୱପ୍ନିଳ ନୟନ ମଧୁପାନ କରି
ମୁଦ୍ରିତ କାହା କୋଳେ ଆଜି
ପ୍ରେମ ପୂଜାରିଣୀ ସାଜିଛି ରାଧିକା
କାହା ପ୍ରେମେ ଭିଜି ଭିଜି ।

+ ଅନୁଗୁଳ
(ମୋ)୯୩୩୭୯୫୮୮୩୨

## ନିର୍ଭୟତା

### ସୁଧାଂଶୁ ଶେଖର ଦ୍ୱିବେଦୀ



ମୁଁ ଜାଣେ ଦିନେ ଭୂସ୍ଖଳନ ହେବ
ଧରାଶାୟୀ ହୋଇଯିବ ମୋ ଘର
ତାମାନେ ନୁହେଁ
ଘର ତିଆରି କରିବା ଛାଡ଼ିଦେବି ?

ମୁଁ ଜାଣେ
କେବେଦିନେ ଧସିଯିବ ସଡ଼କ
ମୁଁ ଆଉ ଘରକୁ ଫେରିବିନି
ତା' ମାନେ ନୁହେଁ
ମୁଁ ଘରୁ ବାହାରିବି ନାହିଁ ?

ଶିକାରୀର ନିଶାଣରେ
ଶରବିଦ୍ଧ ପକ୍ଷୀ ମରିଯାଏ
ତା' ମାନେ ନୁହେଁ
ପକ୍ଷୀ ବି ବନ୍ଦ କରିଦେବେ
ଆକାଶରେ ଉଡିବା ?

ପ୍ରତିଟି ଭୟ ବିରୁଦ୍ଧରେ
ଗୋଟେ ଜିଦ ଥାଏ ନିର୍ଭୟତା ।

+ ବିସି-୭୪ ,ସଲଟ ଲେକ,କଲକତା-୬୪
(ମୋ) ୬୨୯୧୩୪୨୨୫୯

## ଜୀବନ ରାସ୍ତା

### ଲକ୍ଷ୍ମୀକାନ୍ତ ସାହୁ

ଜୀବନ ରାସ୍ତାରେ ଅନେକ ପଥ
ପଥରେ ଅନେକ ବାଟୋଇ
ତଥାପି ଶୁନଶାନ ଲାଗେ
ନିହାତି ଏକଲା, ହଁ, ନିହାତି ଏକଲା
ବୋଧେ ଏ ଏକଲା ପଣ
ମାନସିକତା ହୋଇପାରେ
କୋମଳ ଏକ ମଣିଷର
ବିଶ୍ୱାସ ସବୁ ଚୁରମାର ହେବା ପରେ
ଏକଲା ଲାଗିବା ସ୍ୱାଭାବିକ
ତଥାପି ତ ଅନାୟାସରେ
ପାଦ ବଢିଚାଲେ ଆଗକୁ ଆଗକୁ
ଜୀବନ ରାସ୍ତାରେ
ହଁ, ଏଇ ଜୀବନର ପଥପ୍ରାନ୍ତରେ ।

ମରୁଭୂମି ମରିଚିକାର ଚଳାପଥେ
ତପ୍ତ ବାଲିରେ ପାଦ ଦେଉ ଦେଉ
ଏ ମଣିଷ ଜାଣି ପାରେନି
କଅଁଳ ଚମ ଯେବେ ଦରସିଝା ହୁଏ
ଅଲକ୍ଷ୍ୟରେ ଗତି କରୁଥିବା ମଣିଷଟେ
ମରୁମୟ କଣ୍ଟା ଗଛ ଦେଖିଲେ ବି ଲାଗେ
ସତରେ ଏ କୋଉ ଚିରହରିତ ଅରଣ୍ୟ
ମାତ୍ର ଏବେ ଏବେ ଚିରହରିତ ବନାନୀ ବି
ପତ୍ର ଝଡ଼ା ଦେବା ଆରମ୍ଭ କରୁଛି
ଶୁଣିଲେ, ନିଶ୍ଚିତ ଅସମ୍ଭବ ମନେ ହୁଏ ।
ଶୋଷ ଆଉ ତୃଷ୍ଣା ମଧ୍ୟରେ
ମଣିଷ ଫରକ ଖୋଜେ
କେବେ ଜଳପାନ କରି ମନ ତୃପ୍ତ କରେ
ପୁଣି କେବେ ରକ୍ତର ତୃଷ୍ଣାରେ
ଭିଜି ମନ ଓ ଦେହର ଭୋକ ମେଟାଏ ।

ବିବେକକୁ ମରୁଭୂମିର ତାପମାତ୍ରା
ଚରି ବସିଲାଣି ଏବେ ଏବେ
ସେଥିପାଇଁ ତ ମହାନ ଗଣତନ୍ତ୍ରରେ
ପ୍ରତିଦିନ କଳଙ୍କର ପୃଷ୍ଠା ସବୁ
ମଣ୍ଡନ କରି ଉତ୍ସୁକତା ବଢାଏ ।

ସତରେ ନ୍ୟାୟ ବୋଲି
ଯେଉଁ ଶବ୍ଦ ଟା ଅଛି ନା
ଏହା ଅଭିଧାନର ଏମିତି ଏକ ଶବ୍ଦ
ଯାହା ତଳ ଦରବାର କୋର୍ଟ ମାନଙ୍କରେ
ଅନେଶତ ଭାଗ ନ୍ୟାୟ ଶୁଣାଣି ପରେ
ସର୍ବୋଚ୍ଚତମ ନ୍ୟାୟାଳୟକୁ ପଠାଇ ଦିଆଯାଏ
ନ୍ୟାୟର ବିଚାର ବି ଅଲଗା ଅଲଗା ସ୍ତରରେ
ଅଲଗା ଅଲଗା ଫଳ ଘୋଷଣା ହୁଏ ।

ତଥାପି ଏ ଜୀବନ ରାସ୍ତାରେ ଚାଲିବାକୁ ହେବ
ମରୁ ମୟ କଣ୍ଟକିତ ପଥରୁ ବାହାରି ଯାଇ
ଆଲୁଅର ସନ୍ଧାନ କରିବାକୁ ପଡ଼ିବ ......
ତେବେ ସେ ବ୍ୟବସ୍ଥା, କିଏ କରିବ
ଓ କେବେ କରିବ, ତାହା ସମୟ କହିବ
ଜୀବନ ରାସ୍ତା ତ ଏମିତି ଲମ୍ବି ଚାଲିଥିବ
ହଁ, ଏମିତି ଲମ୍ବି ଚାଲିଥିବ !!!

+ ଡୁଡୁକାମୁଣ୍ଡା, ବଲାଙ୍ଗିର

## ମୁଁ ...

### ଡଃ ମାଙ୍ଗଳିକା ମହାପାତ୍ର



ମୁଁ ଯଦି ମୋର ହେଇ ରହିଯିବି..
ତୁମକୁ ପାଇବି କେମିତି ..!!
ମୁଁ ଯଦି ତୁମର ହେଇଯିବି ..
ନିଜକୁ ଖୋଜିବି କେମିତି..!!

ମୁଁ ଯଦି ତୁମକୁ ଭୁଲିଯିବି ..
ତାହେଲେ ଜୀଇବି କେମିତି ..!!
ମୁଁ ଯଦି ତୁମକୁ ପାଇଯିବି..
ତେବେ ମରିବି କେମିତି ..!!

ମୁଁ ଯଦି ତୁମ ହାତ ଧରେ ..
ଦୁନିଆ ଛାଡ଼ିବି କେମିତି ..!!
ମୁଁ ଯଦି ତୁମ ହାତ ଛାଡେ..
ତେବେ ରହିବି କେମିତି..!!

ମୁଁ ଯଦି ତୁମ ଖୁସିରେ ଖୁସି..
ମୋ ଦୁଃଖ ରହିଲା କେଉଁଠି..!!
ମୁଁ ଯଦି ତୁମ ଦୁଃଖରେ ଦୁଃଖୀ..
ମୋ ସୁଖ ଖୋଜିବି କାହିଁକି..!!

ମୁଁ ଆଉ ତୁମେ ଅଲଗା ନୁହେଁ..
ଦୁଇ ଶରୀର ଏକ ପ୍ରାଣ ବୁହେଁ ..

+ ରେଭେନସା ବିଶ୍ୱବିଦ୍ୟାଳୟ

## ଜୟ ସାଇରକ୍ଷମ

### ସୁଶ୍ରୀ କଳ୍ପନା ପଣ୍ଡା

ହୃଦୟ ମନ୍ଦିରେ ସାଇତିଛି ଆଣି ତୁମେ ଅଛ ଛାଇ ହୋଇ
ଝୁଣ୍ଟି ପଡୁଥିଲେ କୋଳକୁ ନେଇଛ ତୁମେ ପ୍ରଭୁ ସତ୍ୟସାଇ
ଜୀବନ ଲାଗଇ ଶୁନ୍ୟ
ଅଲୋଡ଼ା ପରାଣ ବିଳପି ଉଠଇ ଖୋଜେ ତୁମ ଦରଶନ ।

ତୁମ ଚରଣରେ ଭକ୍ତି ଅର୍ଘ୍ୟ ସଦା ଦେଉଅଛି ପ୍ରଭୁ ଢ଼ାଳି
ତୁମରି ଆଶିଷ ନ ପାଇଲେ ଜୀବ ଏ ଛାର ଜୀବନ ଜଳି
ଅନ୍ଧାରେ ଦିଶୁନି ବାଟ
ନିଅ ହାତ ଧରି ହେ ବିଶ୍ୱବିହାରୀ ମେଣ୍ଟିଯାଉ ଥରେ ଦୁଃଖ ।

ତୁମ ବିନା ପ୍ରଭୁ ଶୁନ୍ୟ ପଡ଼ି ସିଂହାସନ ଖୋଜଇ ନୟନ ଦୁଇ
କାହିଁ ଅଛ ପ୍ରଭୁ ଡାକୁଛି ବିକଳେ ଯାଅ ହେ ଦର୍ଶନ ଦେଇ
ଭକତର ଡାକ ଶୁଣ
ଜନମେ ଜନମେ ତୁମକୁ ମୁଁ ପାଏ ଧନ୍ୟ ହୋଇଯାଉ ପ୍ରାଣ ।

+ କଟେରୀ ଗାଁ, କବୀରପୁର, ଯାଜପୁର

## ତୁମେ ଯଦି କେବେ

### ମହାଶ୍ୱେତା ପାଣିଗ୍ରାହୀ

ତୁମେ ଯଦି କେବେ ସ୍ୱପ୍ନ ହୋଇ ଆସ
ସୁପ୍ତ ନୟନ ଯୁଗଳେ,
ସମ୍ମୋହିତ ହେବ ସୁନ୍ଦର ରାତ୍ରୀ ଟି
ଦୀପ୍ତ ହେବ ସେ କଜ୍ଜଳେ ।

ତୁମେ ଯଦି କେବେ ଦୁଃଖ ହୋଇ ଆସ
ଯାତନା ର କାଳ ରାତ୍ରି ରେ,
ଯନ୍ତ୍ରଣା କୁ ଉପଭୋଗ କରିନେବି
ବାଣ୍ଟିବାକୁ ତୁମ ସାଥିରେ ।

ତୁମେ ଯଦି କେବେ ଶବ୍ଦ ହୋଇ ଆସ
ଦେଇ ମୋ କବିତା ଝରଣା,
ଗୁନ୍ଥି ଦେବି ଅତି ଯତ୍ନ ରେ ସଧିରେ
ଥୋଇ ମୋ ପୀରତି ପାଉଣା ।

ତୁମେ ଯଦି କେବେ ପ୍ରେମ ହୋଇ ଆସ
ନେଇ ସେ ମାଧୁର୍ଯ୍ୟ କଳ୍ପନା,
ପାବନ କରିବି ଜୀବନ ଧାମ ଟି
ଜିଇଁବାକୁ ଦେବ ପ୍ରେରଣା ।

ତୁମେ ଯଦି କେବେ ସ୍ମୃତି ହୋଇ ଆସ
ଧୂଆଁଳିଆ ମନ ଆକାଶେ,
ଛାପି ଦେବି ତା'କୁ ଅଜସ୍ର ସ୍ନେହ ରେ
ଯେମିତି ସେ ସଦା ଝଲସେ ।

+ ସାଇ ପ୍ରିୟା ନଗର
ରାୟଗଡ଼ା ।

# ୨୦୦୫ ମସିହା ପୂର୍ବପ୍ରଚଳିତ ପେନ୍‌ସନ୍ ବ୍ୟବସ୍ଥା ଲାଗୁକର ଓ ଅବସରକାଳୀନ ସୁବିଧା ସୁଯୋଗ ଦିଅ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୂଳମନ୍ତ୍ର ଅଟେ। ଯେଉଁ ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତିକି ବିକଶିତ। କିନ୍ତୁ ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଓଲଟା। ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାଁନ୍ତି । ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି କାର୍ଯ୍ୟ ନକରି ଏବେ ଆଉ ଗୋଟିଏ ଶିକ୍ଷା ନୀତି ଆଣିଛନ୍ତି । ଯାହାକି ଛାତ୍ର ଓ ଶିକ୍ଷକମାନଙ୍କ ବିରୋଧି। ରାଜ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ ସରକାର ଜାଣିଶୁଣି ଶିକ୍ଷକ ନିଯୁକ୍ତି କରୁନାହାର୍ଁନ୍ତି। ଠିକା ଚୁକ୍ତିରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି। ଅବସର ପରେ ସେମାନଙ୍କୁ ଅବସରକାଳୀନ ସୁବିଧା ସୁଯୋଗ ସହ ପେନସ୍‌ନ ବ୍ୟବସ୍ଥା ଲାଗୁ କରୁନଥିବାରୁ ସେମାନଙ୍କ ଅବଶିଷ୍ଟ ଜୀବନ ଦୁଃଖମୟ ହେଉଛି। ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ସରକାର ୨୦୧୯ ମସିହାରେ ଯେଉଁ କ୍ୟାଡର ସଂଶୋଧନ କଲେ ସେଥିରେ ଶିକ୍ଷକମାନଙ୍କୁ ବହୁ ଭାଗରେ ବିଭକ୍ତକରି ଆର୍ଥିକ ସୁବିଧା ସୁଯୋଗ ନଦେଇ ଶିକ୍ଷକମାନଙ୍କର ପଦମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି । ମାଧ୍ୟମିକ ଶିକ୍ଷକମାନଙ୍କୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତିର କୌଣସି ବ୍ୟବସ୍ଥା କରିନାହାଁନ୍ତି । କିନ୍ତୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକମାନଙ୍କୁ ମାଧ୍ୟମିକ ବିଦ୍ୟାଳୟରେ ପଢ଼ାଇବା ପାଇଁ ବାଧ କରୁଛନ୍ତି । ଯାହାକି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି। ଭାରତ ବର୍ଷର ସମସ୍ତ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେଉଥିବାବେଳେ ଆମ ରାଜ୍ୟ ସରକାର ୨୨୦୦ ଗ୍ରେଡ୍ ପେ ଦେଇ ସପ୍ତମ ବେତନ କମିଶନ ସଂଶୋଧନ କରିଥିବାରୁ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ସମସ୍ତ ରାଜ୍ୟର ପ୍ରାଥମିକ ଶିକ୍ଷକଠାରୁ କମ୍ ଦରମା ପାଆନ୍ତି। ଗୋଟିଏ ପଟେ ସରକାର ଶିକ୍ଷକମାନଙ୍କୁ ଶୋଷଣ କରୁଥିବାବେଳେ ଅନ୍ୟପଟେ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି । କରୋନା ଆଳ ଦେଖାଇ ପ୍ରାଥମିକ ବିଦ୍ୟାଳୟକୁ ଖୋଲୁନାହାଁନ୍ତି । ୧୯ ମାସ ଧରି ବିଦ୍ୟାଳୟଗୁଡ଼ିକ ଖୋଲା ହୋଇ ନଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଂଚିତ ହେଉଛନ୍ତି । ସେରୋ ସର୍ଭେ ରିପୋର୍ଟରେ ଛୋଟ ପିଲାଙ୍କ ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥିବାବେଳେ ସରକାର ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷାଦାନରୁ ବଂଚିତ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି ଦିବସ ଅବସରରେ ଏକ ଆଲୋଚନାଚକ୍ର ଶୀର୍ଷକ : "ପ୍ରାଥମିକ ଶିକ୍ଷା : ଆମ ସଂଗଠନ ଆମ ଦାୟିତ୍ୱ" ଭୁବନେଶ୍ୱରସ୍ଥିତ ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ଓଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ଦେବାପାଇଁ କହିଥିଲେ । ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ ସରକାର ପୁରଣ ପେନ୍‌ସନ୍ ସହ ଅବସରକାଳୀନ ସୁବିଧା ସୁଯୋଗ ସରକାର ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି । ଏହି ଆଲୋଚନା ଚକ୍ରରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, ପ୍ରସନ୍ନ କୁମାର ଜେନା, ଟୁଲୁ ଦେଈ, କେଶବ କର, ସୁରେନ୍ଦ୍ର ନାଥ ରାଉତ, ସୁଦାମ ଦଳବର, ସୁଧାଂଶୁ ମଣ୍ଡଳ, ଜିତେନ୍ଦ୍ର କୁମାର ନାୟକ, ନରେଶ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ୪ ବର୍ଷ ହେଲା କମୁଛି ହେକ୍ଟର ପିଛା ସାର ଖର୍ଚ୍ଚ

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ୫୧ବର୍ଷ ମଧ୍ୟରେ ପ୍ରଥମଥର ପାଇଁ କ୍ରମାଗତ ୪ବର୍ଷ ହେଲା କମିବାରେ ଲାଗିଛି ହେକ୍ଟର ପିଛା ରସାୟନିକ ସାରର ବ୍ୟବହାର। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ମସିହାରୁ ସାର ଯୋଗାଣ ହ୍ରାସ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସାରର ବ୍ୟବହାର କମ୍ ହୋଇଥିବା ସତ୍ତ୍ୱେ ଯୋଗାଣ ହ୍ରାସ ପାଇବାରେ ଲାଗିଛି। ଅନ୍ତର୍ଜାତୀୟ ବଜାରରେ ସାର ଆମଦାନିରେ ସମସ୍ୟା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ, ୧୯୭୦ ମସିହାରେ ଓଡ଼ିଆ ଚାଷୀ ଖର୍ଚ୍ଚ କରୁଥିଲେ ହେକ୍ଟର ପିଛା ୪.୧୩ କେଜି ରସାୟନିକ ସାର। ୫ ଦଶନ୍ଧି ମଧ୍ୟରେ ଏହା ୧୮ଗୁଣ ବୃଦ୍ଧି ପାଇ ୨୦୧୮ ମସିହାରେ ୭୩.୮୧କେଜି ହୋଇଥିଲା। ତେବେ ୨୦୧୯ ମସିହାରେ ହେକ୍ଟର ପିଛା ସାର ଖର୍ଚ୍ଚ ୭୨ କେଜିକୁ ହ୍ରାସ ପାଇଛି। ଦୁଇ ବର୍ଷର ହେକ୍ଟର ପିଛା ରିପୋର୍ଟ ଆସି ନଥିଲେ ମଧ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖରିଫରେ ୨୦୨୦ ମସିହା ଦେଢ଼ ଲକ୍ଷ କ୍ୱିଣ୍ଟାଲ, ୨୦୨୧ ମସିହାରେ ୨ ଲକ୍ଷ କ୍ୱିଣ୍ଟାଲ ହ୍ରାସ ପାଇଛି। ଗତବର୍ଷ ୟୁରିଆରେ ୫୫ହଜାର ମେଟ୍ରିକ୍ ଟନ୍ ହ୍ରାସ କରାଯାଇଥିଲା, ଚଳିତ ବର୍ଷ ୧ଲକ୍ଷକୁ ହ୍ରାସ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସାର ଯୋଗାଣ ହ୍ରାସ ପାଇବା ସହିତ ହେକ୍ଟର ପିଛା ସାର ଖର୍ଚ୍ଚ କମୁଛି। ଏହା ନୁହେଁ ଯେ ୨୦୧୯ ମସିହାରେ ପ୍ରଥମଥର ପାଇଁ ସାର ଖର୍ଚ୍ଚ ହ୍ରାସ ପାଇଛି। ଏହା ପୂର୍ବରୁ ୧୯୭୩ ମସିହାରେ ହେକ୍ଟର ପିଛା ସାର ଖର୍ଚ୍ଚ ୮.୬୬ କେଜି ଥିଲା। ୧୯୭୪ ମସିହାରେ ହ୍ରାସ ପାଇ ୬.୯୩, ୧୯୭୫ ମସିହାରେ ୬.୭୧ କେଜିକୁ ପହଞ୍ଚିଥିଲା। ୧୯୭୬ ମସିହାରେ ଏହା ୮.୫୯ କେଜିକୁ ବୃଦ୍ଧି ପାଇଥିଲା। ୨୦୦୧ ମସିହାରେ ହେକ୍ଟର ପିଛା ସାର ଖର୍ଚ୍ଚ ୪୧ କେଜି ଥିଲା। ୨୦୦୨, ୨୦୦୩ ମସିହାରେ ଏହା ୩୯ କେଜିକୁ କମିଥିଲା। ୨୦୦୪ ମସିହାରେ ବୃଦ୍ଧି ପାଇ ୪୩ କେଜିରେ ପହଞ୍ଚିଛି। ୨୦୦୫ ମସିହାରେ ହେକ୍ଟର ପିଛା ସାର ଖର୍ଚ୍ଚ ଅନେକ ବୃଦ୍ଧି ପାଇଛି। ଏହି ବର୍ଷ ଚାଷୀ ୪୬ କେଜି ସାର ଚାଷୀ ଖର୍ଚ୍ଚ କରିଛି। ୨୦୦୮ ମସିହାରେ ଏହା ୬୨କେଜିକୁ ପହଞ୍ଚିଥିଲା। ୨୦୦୯ ମସିହାରେ ସାମାନ୍ୟ ହ୍ରାସ ପାଇ ୬୦ କେଜି, ୨୦୧୦ ମସିହାରେ ୬୧ କେଜି, ୨୦୧୧ ମସିହାରେ ୬୨ କେଜି, ୨୦୧୨ ମସିହାରେ ୫୮.୭୪ କେଜି, ୨୦୧୩ ମସିହାରେ ୪୧.୨୭ କେଜି, ୨୦୧୪ ମସିହାରେ ୫୮.୯୧ କେଜିରେ ପହଞ୍ଚିଥିଲା। ଏହାପରେ ୨୦୧୮ ମସିହା ପର୍ଯ୍ୟନ୍ତ ହେକ୍ଟର ପିଛା ସାର ଖର୍ଚ୍ଚ ବୃଦ୍ଧି ପାଇଥିଲା। ଅର୍ଥାତ ୨୦୧୫ ମସିହାରେ ହେକ୍ଟର ପିଛା ୬୬.୨୧ କେଜି, ୨୦୧୬ ମସିହାରେ ୬୧.୦୩ କେଜି, ୨୦୧୭ ମସିହାରେ ୬୮.୬୭ କେଜିରେ ପହଞ୍ଚିଥିଲା। ଦେଶୀ ବିହନ ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି, କମ୍ପାନି ସାର ବ୍ୟବହାର, ଜଳସେଚନ, କପାସ ଚାଷ ଯୋଗୁଁ ହେକ୍ଟର ପିଛା ସାର ଖର୍ଚ୍ଚ ୫୦ ବର୍ଷ ମଧ୍ୟରେ ଏତେ ବଢ଼ିଛି। ଖର୍ଚ୍ଚଠାରୁ ଚାହିଦା ଆହୁରି ଅଧିକ। ରସାୟନିକ ସାର ବ୍ୟବହାର ଯୋଗୁଁ ରୋଗ ପୋକ ହେଉଛି। ଚାଷ ଖର୍ଚ୍ଚ ମଧ ବଢୁଛି। ଏଥିଯୋଗୁଁ ସ୍ଥିତି ଏଭଳି ହୋଇଛି ଯେ ୨୦୧୪ ମସିହାରୁ ୨୦୧୯ ମସିହା ମଧ୍ୟରେ ଚାଷୀର ଉତ୍ପାଦନ ବଢ଼ିଛି କିନ୍ତୁ ଆୟ ବଢ଼ି ନାହିଁ ବରଂ ଋଣ ବୃଦ୍ଧି ପାଇଛି। ଏତେ ଅଧିକ ସାର ବ୍ୟବହାର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଠିକ୍ ନୁହେଁ। ଏହା ନିୟନ୍ତ୍ରଣରେ ରହିବା ଉଚିତ। ରାଜ୍ୟ ସରକାରଙ୍କ ସାର ନିଗମ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସାର ହ୍ରାସ କରାଯାଇ ବିକଳ୍ପ ସାର ବ୍ୟବସ୍ଥା କରିବାକୁ କୁହାଯାଇଛି। ସ୍ୱଳ୍ପକାଳୀନ ହିସାବ କଲେ, ସାର ଖର୍ଚ୍ଚ କମିଲେ ଉତ୍ପାଦନ କମିବ କିନ୍ତୁ ଅନେକ ସମୟରେ ସାର ଅଧିକ ବ୍ୟବହାର ଯୋଗୁଁ ରୋକପୋକ ହୁଏ। ଏହାର ନକରାତ୍ମକ ପ୍ରଭାବ ମଧ ରହିଛି। ରାଜ୍ୟରେ ମରୁଡ଼ି ଏବଂ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଚାଷୀ ବାଧ ହୋଇ ଅଧିକ ସାର ବ୍ୟବହାର କରେ। ଏହାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଅଣଧାନକୁ ଗୁରୁତ୍ୱ ଦିଆଯାଉଛି। ଦେଶରେ ହେକ୍ଟର ପିଛା ସାର ଖର୍ଚ୍ଚ ୧୩୩.୧୨ କେଜି।

# ୨୪ ଘଣ୍ଟାରେ ରାଜ୍ୟରେ ୪୪୮ ଜଣ ନୂଆ ଆକ୍ରାନ୍ତ: ୫୯ ଜଣଙ୍କ ବୟସ ୧୮ ବର୍ଷରୁ କମ

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୪୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଗତ ଏକ ସପ୍ତାହ ଧରି ରାଜ୍ୟରେ ଦୈନିକ ସଂକ୍ରମଣ ୫୦୦ ଉପରକୁ ରହୁଥିବାବେଳେ ଆଜି ତାହା ୫୦୦ ତଳକୁ ଖସିଆସିଛି ।
ଏହି ୪୪୮ ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୫୯ ଜଣଙ୍କ ବୟସ ୧୮ ବର୍ଷରୁ କମ । ସେହିପରି ମୋଟ ୪୪୮ ଆକ୍ରାନ୍ତଙ୍କ ମଧ୍ୟରୁ ୨୫୯ ଜଣ କ୍ୱାରାଣ୍ଟାଇନରୁ ଓ ୧୮୯ ଜଣ ସ୍ଥାନୀୟ ସଂକ୍ରମିତ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨୦ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।
ଚିହ୍ନଟ ହୋଇଥିବା ୪୪୮ ଜଣଙ୍କ ମଧ୍ୟରୁ ଅନୁଗୁଳରୁ ୨ଜଣ, ବାଲେଶ୍ୱରରୁ ୧୩ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୩ ଜଣ, କଟକରୁ ୪୮ ଜଣ, ଦେବଗଡ଼ରୁ ଜଣେ, ଢେଙ୍କାନାଳରୁ ୪ ଜଣ, ଗଜପତି ଓ ଗଞ୍ଜାମରୁ ଜଣେ ଲେଖାଏଁ, ଜଗତସିଂହପୁରରୁ ୧୯ ଜଣ, ଯାଜପୁରରୁ ୧୨ ଜଣ, ଝାରସୁଗୁଡ଼ାରୁ ୪, କେନ୍ଦ୍ରାପଡ଼ାରୁ ୧୩ ଜଣ, କେନ୍ଦୁଝରରୁ ୩ଜଣ, କୋରାପୁଟ ଓ ମାଲକାନଗିରିରୁ ୨ଜଣ ଲେଖାଏଁ, ମୟୁରଭଞ୍ଜରୁ ୧୭ ଜଣ, ନବରଂଗପୁରରୁ ଜଣେ, ନୟାଗଡ଼ରୁ ୪ ଜଣ, ନୂଆପଡ଼ାରୁ ୨ଜଣ, ପୁରୀରୁ ୧୨ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ ପୁଲରୁ ୫୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୦୩୨୧୪୪ ଜଣ ପଜିଟିଭ ଚିହ୍ନଟ ହେଲେଣି । ଏମାନଙ୍କ ଭିତରୁ ୧୦୧୮୭୪୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫୦୮୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ରାଜଧାନୀରେ ସଂକ୍ରମଣ ଉପରମୁହାଁ: ହାଟ ଓ ବଜାରରେ ଅସମ୍ଭବ ଭିଡ଼



ଭୁବନେଶ୍ୱର,୧୧/୧୦ (ନି.ପ୍ର): କଡ଼ା କଟକଣା ସତ୍ତ୍ୱେ ପାର୍ବଣ ଆରମ୍ଭ ହେଉ ହେଉ ରାଜଧାନୀରେ ଉପର ମୁହାଁ ହେଲାଣି ସଂକ୍ରମଣ। ଦୈନିକ ସଂକ୍ରମଣର ୪୦% କେବଳ ଭୁବନେଶ୍ୱରରୁ ଆସୁଛି । ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ ହାଟ ଓ ବଜାରରେ ଜମୁଛି ଅସମ୍ଭବ ଗହଳି। ଏପରି ଗହଳି ଆଉ କିଛି ଦିନ ଲାଗି ରହିଲେ ତୃତୀୟ ଲହର ଆଗମନକୁ କେହି ଏଡ଼ାଇ ଦେଇ ପାରିବେ ନାହିଁ। ଭିଡ଼ ରୋକିବାକୁ ଆଜିଠୁ ଟୁଇନ୍ ସିଟିରେ କମିଶନରେଟ ପୁଲିସ୍ ପକ୍ଷରୁ ଲାଗୁ ହେଉଛି ନାଇଟ କର୍ଫ୍ୟୁ।
ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ ଘଣ୍ଟାରେ ୪୪୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ୬ ଜଣଙ୍କର ମୃତ୍ୟୁ ହୋଇଛି । ୪୪୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୫୯ ଜଣ ଅଛନ୍ତି ।
ଖୋର୍ଦ୍ଧାରୁ ସର୍ବାଧିକ ୨୦୮, କଟକରୁ ୪୮, ଜଗତସିଂହପୁରରୁ ୧୯ ପଜିଟିଭ୍ ବାହାରିଛନ୍ତି । ଏଥିସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୨ ହଜାର ୧୪୪କୁ ବୃଦ୍ଧି ପାଇଛି । କଟକ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରୁ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି ।
ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଭିଡ଼ କରିବା ନାହିଁ। ଆଗ ଜୀବନ, ପରେ ପାର୍ବଣ। ତେଣୁ ପାର୍ବଣରେ କଟକଣାକୁ ମାନି ଚଳିବା ଓ ଭିଡ଼ରୁ ଦୂରେଇ ରହିବା।
ଏନେଇ ଡିଏମ୍ଇଟି ସିବିକେ ମହାନ୍ତି କହିଛନ୍ତି, ଆମେ ଲୋକଙ୍କୁ ବୁଝାଉଛୁ, ଯାହା ପଦକ୍ଷେପ ନେବା କଥା ନେଉଛି, ଆମେ ସବୁ ପ୍ରକାର ପ୍ରସ୍ତୁତି ଚଳାଇଛି। ଏହା ସତ୍ତ୍ୱେ ଭୁବନେଶ୍ୱରରେ କିଛି କିଛି ସ୍ଥାନରେ ସଂକ୍ରମଣ ବଢୁଛି। ଏହାକୁ ନଜରରେ ରଖିଛୁ। ଆଜି ରାତିରୁ କର୍ଫ୍ୟୁ ଲାଗୁ ହେଉଛି। ଭିଡ଼ରୁ ଦୂରରେ ରୁହନ୍ତୁ । ସଂକ୍ରମଣ କିଛି ମାତ୍ରାରେ ଦୂରେଇ ଯିବ । ଏଥିସହ ଏବେ ଅଧିକ ସଂଖ୍ୟକ ଶିଶୁଙ୍କ ଦେହ ଖରାପ ହେଉଥିବା ବେଳେ ସେମାନେ ମେଡିକାଲରେ ଆଡମିଟ ହେଉଥିବା ପ୍ରଶ୍ନର ଉତ୍ତରରେ ଡିଏମ୍ଇଟି କହିଛନ୍ତି, ପ୍ରତିବର୍ଷ ବର୍ଷା ଦିନେ ଓ ଶୀତ ଋତୁ ଆରମ୍ଭରେ ଛୁଆଙ୍କ ଦେହ ଖରାପ ହୋଇଥାଏ। ସେମାନଙ୍କୁ ଜ୍ୱର ହୋଇଥାଏ। ତେଣୁ ଏଥିପ୍ରତି ଅଭିଭାବକମାନେ ଧ୍ୟାନ ଦେବା ଉଚିତ । ପିଲାଙ୍କ ଦେହ ସାମାନ୍ୟ ଖରାପ ହେଲେ ପରୀକ୍ଷା କରି ଆବଶ୍ୟକ ମୁତାବକ ଟେଷ୍ଟ କରାଇବା ଉଚିତ।

# ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପାଇଁ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର ,୧୧/୧୦ (ନି.ପ୍ର): 'ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମାନ-୨୦୨୧' ନିମନ୍ତେ ଆବେଦନ ତାରିଖ ୨୦ ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଲ୍ଲେଖନୀୟ ସାମାଜିକ ଅବଦାନ ଓ ସଫଳତା ପାଇଁ ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ପକ୍ଷରୁ ଭାରତର ୨୦ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ/ସଂଗଠନକୁ ସମ୍ମାନରେ ସମ୍ମାନିତ କରାଯିବ। ଏହି ସମ୍ମାନର ଚତୁର୍ଥ ସଂସ୍କରଣ ପାଇଁ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ ଆବେଦନ/ନାମାଙ୍କନପତ୍ର ଆସିଛି। ଏହି ସର୍ବଭାରତୀୟ ପୁରସ୍କାର ପାଇଁ ଆହୁରି ଅଧିକ ବ୍ୟକ୍ତିବିଶେଷ/ ସଂଗଠନ ଆବେଦନ କରିବାକୁ ଫାଉଣ୍ଡେସନ୍ ପକ୍ଷରୁ ଅନୁରୋଧ କରାଯାଇଛି। ପୁରସ୍କାରର ବିବରଣୀ ସହ ଆବେଦନ ଫର୍ମ www.jsplfoundation.com ରେ ଉପଲବ୍ଧ। କୃଷି/ଗ୍ରାମୀଣ ବିକାଶ, କଳା ଏବଂ ସଂସ୍କୃତି, ଶିକ୍ଷା, ଉଦ୍ୟୋଗୀ ଏବଂ ଜୀବିକା, ପରିବେଶ, ସ୍ୱାସ୍ଥ୍ୟ, ଅଭିନବ/ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା, ଜନସେବା/ ସାମାଜିକ ସେବା, ଏବଂ ମହିଳା ସଶକ୍ତୀକରଣ ଆଦି ୧୦ଟି ବର୍ଗରେ ଏହି ପୁରସ୍କାର ଦିଆଯିବ। ଏହାସହ କୋଭିଡ୍-୧୯ ମହାମାରୀ ସମୟରେ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂଗଠନଗୁଡ଼ିକୁ ମଧ ସ୍ୱତନ୍ତ୍ର ବର୍ଗରେ ସମ୍ମାନିତ କରାଯିବ। ପ୍ରତ୍ୟେକ ବିଜେତାଙ୍କୁ ସମ୍ମାନିତ କରାଯିବା ସହ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଜେଏସ୍‌ପିଏଲ୍ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି। ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି ଯେ ଆମ ଦେଶରେ ଅନେକ ବ୍ୟକ୍ତି ଏବଂ ସଂସ୍ଥା ଅଛନ୍ତି, ଯେଉଁମାନେ ଅଦମ୍ୟ ସାହସ, ଅସାଧାରଣ ଉଦ୍ୟମ ଏବଂ ଭିନ୍ନଧରଣର ଆବିଷ୍କାର ଦ୍ୱାରା ସାଧାରଣ ଲୋକଙ୍କ ଜୀବନରେ ସୁଧାର ଆଣି ପାରିଛନ୍ତି। ଏଭଳି ବ୍ୟକ୍ତିବିଶେଷମାନଙ୍କୁ ଚିହ୍ନଟ ତଥା ସମ୍ମାନିତ କରି ସେମାନଙ୍କ ସଫଳତାକୁ ଶ୍ରେୟ ଦେବା ହିଁ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନର ମୂଳ ଉଦ୍ଦେଶ୍ୟ।

# ବଟି ପାଇଁ ବାଉଁଶଫାଳିଆରେ ପିଟିଲେ



ଭୁବନେଶ୍ୱର,୧୧/୧୦ (ନି.ପ୍ର): କମିସନରେଟ୍ ପୁଲିସର 'ଦାଦବଟିକୁ ନା' ଅଭିଯାନ ଜାରି ରହିଛି। କିନ୍ତୁ ପୁଲିସର ଏହି ଅଭିଯାନକୁ ଫୁ' କରି ରାଜଧାନୀରେ ଦାଦାମାନେ ମାତିବା ଆରମ୍ଭ କଲେଣି। ଦଶହରା ବଟି ମାଗିବା ଆରମ୍ଭ ହୋଇଗଲାଣି। ରବିବାର ଦିନ ରାଜମହଲ ଛକରେ ଦାଦାବଟି ପାଇଁ ଜଣେ ଫଳ ଦୋକାନୀଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଫଳଦୋକାନୀ ହେଲେ ପି. ଲିଙ୍ଗରାଜ ରାଓ। ବାଉଁଶ ଫାଳିଆ ମାଡ଼ରେ ଲିଙ୍ଗରାଜଙ୍କ ହାତ ଭାଙ୍ଗିଯାଇଛି। ତେବେ ଏ ନେଇ ପୁଲିସ ନିକଟରେ ଅଭିଯୋଗ ହୋଇନାହିଁ।
ସୂଚନାନୁସାରେ, ରାଜମହଲ ଛକସ୍ଥିତ ଏସ୍‌ବିଆଇ ଶାଖା ସମ୍ମୁଖରେ ଲିଙ୍ଗରାଜଙ୍କ ଫଳ ଦୋକାନ ଅଛି। ଦଶହରା ପାଇଁ କିଛି ସ୍ଥାନୀୟ ଯୁବକ ତାଙ୍କୁ ଟଙ୍କା ମାଗିଥିଲେ। ବଟି ନଦେଲେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। କିନ୍ତୁ ଲିଙ୍ଗରାଜ ସେମାନଙ୍କୁ ବଟି ଦେବା ନାଁ ଧରିନଥିଲେ। ତେଣୁ ରବିବାର ଦିନ ସେମାନେ ଲିଙ୍ଗରାଜଙ୍କ ଦୋକାନ ଭଙ୍ଗାରୁଜା କରିବା ସହିତ ତାଙ୍କୁ ବାଉଁଶଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ଲିଙ୍ଗରାଜ ଦୌଡ଼ିଥିଲେ ବି ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। କ୍ୟାପିଟାଲ ଥାନାରୁ ଅଳ୍ପ ଦୂରରେ ପୁଣି ଜନଗହଳିପୂର୍ଣ୍ଣ ରାସ୍ତାରେ ଏଭଳି ଅଭାବନୀୟ କାଣ୍ଡ ଘଟିଥିଲେ ବି କେହି ମୁହଁ ଖୋଲିନଥିଲେ।

# ସୃଷ୍ଟି ଏକାଡେମି ଅଫ୍ ମ୍ୟାନେଜ୍‌ମେଣ୍ଟକୁ ସ୍ୱୟଂଶାସିତ ମାନ୍ୟତା

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ ସୃଷ୍ଟି ଏକାଡେମି ଅଫ୍ ମ୍ୟାନେଜ୍‌ମେଣ୍ଟକୁ ସ୍ୱୟଂଶାସତ ମାନ୍ୟତା ମିଳିଛି। କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି), ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ପକ୍ଷରୁ ଏହି ମାନ୍ୟତା ଦିଆଯାଇଛି। ୨୦୨୧-୨୨ ଶିକ୍ଷାବର୍ଷଠାରୁ ଆଗାମୀ ୧୦ବର୍ଷ ପର୍ଯ୍ୟନ୍ତ ଏହି ମାନ୍ୟତା ବଜାୟ ରହିବ। ମାନ୍ୟତା ମିଳିବା ପରେ ଏହି ଶିକ୍ଷାନୁଷ୍ଠାନ ସୃଷ୍ଟି ଏକାଡେମି ଅଫ୍ ମ୍ୟାନେଜ୍‌ମେଣ୍ଟ ଅଟୋନୋମସ୍ କଲେଜ ଭାବେ ନୂଆ ପରିଚୟ ପାଇଛି।
୨୦୦୩ରେ ପ୍ରତିଷ୍ଠିତ ଏହି କଲେଜ ୨୦୧୧ ଓ ୨୦୧୬ରେ ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ପାଇଛି। ଏଥିସହ ଶିକ୍ଷାନୁଷ୍ଠାନକୁ ସ୍ୱୟଂଶାସିତ ମାନ୍ୟତା ମିଳିବା ପୂର୍ବ ଭାରତର ମ୍ୟାନେଜ୍‌ମେଣ୍ଟ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ବିକାଶ କ୍ଷେତ୍ରରେ ଏହି ନୂତନ ସ୍ୱୀକୃତି ପାଇଁ ଅନୁଷ୍ଠାନର ଅଧକ୍ଷ ସୁଶାନ୍ତ କୁମାର ଦାସ ସମସ୍ତ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷରୁ ଏହି ଶିକ୍ଷାନୁଷ୍ଠାନ ସ୍ୱୟଂଶାସିତ କଲେଜ ଭାବେ କେତୋଟି ନିଯୁକ୍ତି ସମ୍ଭାବନାଭିତ୍ତିକ ବିଷୟ ଏହାର ଉଭୟ ଏମ୍‌ବିଏ ଓ ଆଇ-ଏମ୍‌ବିଏ ପାଠ୍ୟକ୍ରମରେ ପ୍ରଚଳନ କରିବାକୁ ଯାଉଛି। ପରୀକ୍ଷା ପରିଚାନଳା କ୍ଷେତ୍ରରେ ଅଧିକ ସୁଧାର ଆଣିବା ସହ ପିଲାମାନଙ୍କ ଶିକ୍ଷା ଓ କର୍ମକୁଶଳତା ବୃଦ୍ଧି କରିବା ସହ ଠିକ୍ ସମୟରେ ପରୀକ୍ଷା ଫଳ ପ୍ରକାଶିତ ହୋଇପାରିବ ବୋଲି ଅନୁଷ୍ଠାନର ଅଧକ୍ଷ ଶ୍ରୀ ଦାସ ମତପ୍ରକାଶ କରିଛନ୍ତି। ଏହି ନୂତନ ସ୍ୱୀକୃତି ପାଇଁ ମହାବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ, ଅଧାପକ ଓ ଅଧାପିକା, କର୍ମକର୍ତ୍ତା, ଉପଦେଷ୍ଟା, ନିଯୁକ୍ତିଦାତା ଓ ଶୁଭେଚ୍ଛୁଙ୍କୁ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସରୋଜ କୁମାର ସାହୁ କୃତଜ୍ଞତା ଜଣାଇଛନ୍ତି।

# ନାକ୍ ମାନ୍ୟତା କଥା ଭୁଲିଗଲେ, କୁଆଡ଼େ ଗଲା ଉଚ୍ଚଶିକ୍ଷା ସଚିବଙ୍କ ମେଣ୍ଟରିଂ ସିଷ୍ଟମ ?

NAAC
National Assessment and Accreditation Council

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ୨୦୨୨ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତ ହାସଲ କରିବେ। ଏଥିପାଇଁ ମେଣ୍ଟରିଂ ସିଷ୍ଟମ କରାଯିବ। ନାକ୍‌ରେ ଭଲ ଗ୍ରେଡ୍ ପାଇଥିବା ଶିକ୍ଷାନୁଷ୍ଠାନ ଅଧୀନରେ ୧୦ରୁ ୨୦ କଲେଜ ରହିବେ ଏବଂ ସେମାନଙ୍କୁ ଦିଗଦର୍ଶନ ଦେବେ। ଭଲ ଗ୍ରେଡ୍ ମିଳିବା ଦ୍ୱାରା ବିଭିନ୍ନ ଯୋଜନାରୁ ପ୍ରଚୁର ଅର୍ଥ ମିଳିବ। ଯେଉଁଥିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରିବ। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଦୁଇ ବର୍ଷ ତଳେ ଏଭଳି ନିର୍ଦ୍ଦେଶ ଦେଇଥିଲେ। ଘନଘନ ବୈଠକ କରି ସମୀକ୍ଷା କରିଥିଲେ। କଲେଜ ଅଧକ୍ଷମାନଙ୍କୁ ଡାକି ଘଣ୍ଟା ଘଣ୍ଟା ମାନସମନ୍ଥନ କରିଥିଲେ। ତା'ପରେ ବି ଫଳ ଶୂନ। ୨୦୨୧ ସରିବାକୁ ବସିଥିଲେ ମଧ ରାଜ୍ୟର ମାତ୍ର ୧୮୭ଟି ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଯେଉଁଥିରେ ୧୪ଟି ବିଶ୍ୱବିଦ୍ୟାଳୟ ଓ ୧୭୩ଟି କଲେଜ ରହିଛି।
ସବୁଠାରୁ ବଡ଼ କଥା ହେଲା ଯେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୦୬୩ରୁ ଅଧିକ ଶିକ୍ଷାନୁଷ୍ଠାନ ରହିଥିଲେ ମଧ ସେଥିରୁ ୮୫୦ରୁ ଅଧିକ ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ନାହିଁ। ୫ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛନ୍ତି ଯେଉଁମାନେ ନାକ୍ ମାନ୍ୟତା ପାଇ ନାହାନ୍ତି। ନୂଆ କରି ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ କରିଥିବା ୬ଟି ଶିକ୍ଷାନୁଷ୍ଠାନର ବି ନାକ୍ ନାହିଁ। ରାଜ୍ୟର ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ 'ଏ+' ଗ୍ରେଡ୍ ପାଇଥିବା ବେଳେ ୩ଟି ବିଶ୍ୱବିଦ୍ୟାଳୟ 'ଏ' ଓ ୩ଟି ବିଶ୍ୱବିଦ୍ୟାଳୟ 'ବି+' ଗ୍ରେଡ୍ ହାସଲ କରିଛନ୍ତି। କୌଣସି ବି ବିଶ୍ୱବିଦ୍ୟାଳୟ 'ବି++' ଗ୍ରେଡ ପାଇ ନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧୀନ କୌଣସି ବି ମହାବିଦ୍ୟାଳୟ 'ଏ+' ଗ୍ରେଡ ମାନ୍ୟତା ପାଇ ନାହାନ୍ତି। ୮ଟି ମହାବିଦ୍ୟାଳୟ 'ଏ' ଗ୍ରେଡ୍ ପାଇଥିବା ବେଳେ ୧୫ଟି 'ବି++', ୨୮ଟି 'ବି+', ୭୯ଟି ମହାବିଦ୍ୟାଳୟ 'ବି' ଓ ୩୧ଟି ମହାବିଦ୍ୟାଳୟ 'ସି' ଗ୍ରେଡ ମାନ୍ୟତା ହାସଲ କରିଛନ୍ତି। ପାଖାପାଖି ୮୫% ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ନ ଥିବାରୁ ସେମାନେ ପ୍ରଚୁର ଅର୍ଥ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ କୌଣସି ଜାତୀୟସ୍ତରୀୟ ରାଙ୍କ ପାଇବାକୁ ବି ଆବେଦନ କରିପାରୁ ନାହାନ୍ତି। ରାଜ୍ୟର ଶ୍ରେଷ୍ଠ ନାକ୍ ମାନ୍ୟତା ପଇଥିବା ୫ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସରକାରୀ ଭାବେ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ହିଁ ରହିଛି। ଖୋର୍ଧାରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବି 'ଏ+' ଗ୍ରେଡ୍ ହାସଲ କରିଛି। ଭୁବନେଶ୍ୱରରେ ଥିବା ଦୁଇଟି ଡିମ୍‌ଡି ବିଶ୍ୱବିଦ୍ୟାଳୟ ମଧ ନାକ୍ 'ଏ' ଗ୍ରେଡ୍ ପାଇଛନ୍ତି। ସୃଷ୍ଟି ଏକାଡେମି ଅଫ୍ ମ୍ୟାନେଜ୍‌ମେଣ୍ଟ ମଧ 'ଏ' ଗ୍ରେଡ୍ ପାଇଛି। ବିପିୟୁଟି ଅଧୀନ ମାତ୍ର ୩ଟି ସରକାରୀ ଓ ୧୩ଟି ଘରୋଇ ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ରହିଛି। ନାକ୍ ମାନ୍ୟତା ନ ଥିବାରୁ ଗତ ୫ ବର୍ଷ ହେଲା କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ନୈରାଶ୍ୟଜନକ ପ୍ରଦର୍ଶନ କରୁଛନ୍ତି। ଏନଆଇଆରଏଫ ରାଙ୍କିଙ୍ଗ୍‌ର କଲେଜ ବର୍ଗରେ ଓଡ଼ିଶାର ଗୋଟିଏ ବି ମହାବିଦ୍ୟାଳୟ ସାମିଲ ହୋଇପାରୁ ନାହିଁ। ଯେତେବେଳେ କି ଅନ୍ୟ ରାଜ୍ୟର କଲେଜଗୁଡିକ ଭଲ ପ୍ରଦର୍ଶନ କରୁଛନ୍ତି। ୨୦୨୨ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ନାକ୍ ମାନ୍ୟତା ହାସଲ କରିବାକୁ ୨୦୧୯ରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ବିଭାଗୀୟ ମନ୍ତ୍ରୀ ଓ ସଚିବ ବିଭିନ୍ନ ସମୟରେ ସମୀକ୍ଷା କରିବା ବେଳେ ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ତାଗିଦ୍ କରିଥିଲେ। ତା' ପରେ ବି ମହାବିଦ୍ୟାଳୟଗୁଡ଼ିକ ଆଗ୍ରହ ଦେଖାଉ ନାହାନ୍ତି। ୨୦୨୧ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ପ୍ରାୟ ୨୦ ଶିକ୍ଷାନୁଷ୍ଠାନର ନାକ୍ ମାନ୍ୟତା ସରୁଛି। ତେବେ କରୋନା ସଂକ୍ରମଣକୁ ନଜରରେ ରଖି ସମୟ ଅବଧିକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।

## ଓଡ଼ିଆ ସଙ୍ଗୀତ ଜଗତର....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ତାଙ୍କର ପୁରୁଣା ଗାଉଣା ହେଲା କାଞ୍ଚି ଅଭିଯାନ, କୋଣାର୍କ ଗାଥା । ତାଙ୍କ ସାହିତ୍ୟ କୃତି ଗୁଡ଼ିକ ହେଲା ଅନେଶ୍ୱତ ରାଣୀ (ଗଳ୍ପଗୁଚ୍ଛ), ବିଚରା (ଗଳ୍ପଗୁଚ୍ଛ), ନଗ୍ନ ମୋନାଲିସା (ଗଳପଗୁଛ), ବାହା ବାହାରେ ଆମେରିକା (ଭ୍ରମଣ କାହାଣୀ), ଆର୍ଯଦାସର ଆତ୍ମଲିପି (ଅଧା ନିଜ ଜୀବନ କାହାଣୀ), ଆର୍ଯଦାସର ଆତ୍ମଲିପି ୧ ଓ ୨ (ଆତ୍ମଜୀବନୀ ମୂଳକ ଉପନ୍ୟାସ), ଆର୍ଯଦାସର ଶେଷଲିପି(ଅଧା ନିଜ ଜୀବନ କାହାଣୀ), ଅଫେରା ନଦୀ (ଉପନ୍ୟାସ), ଗାୟକ (ଉପନ୍ୟାସ) ଜୟା ନୁହେଁ ଜାୟା (ଉପନ୍ୟାସ) ଗୋଟିଏ କୁହୁ, ଅନେକ ଉହୁ (ଉପନ୍ୟାସ)। ଅକ୍ଷୟ ମହାନ୍ତି ଏକାଧାରାରେ ଜଣେ ଓଡ଼ିଆ ଗାୟକ, ସଙ୍ଗୀତଜ୍ଞ, ଗାଳ୍ପିକ, ଔପନ୍ୟାସିକ ଓ ଭ୍ରମଣ କାହାଣୀ ଲେଖକ । ସେ ଓଡ଼ିଆ କଥାଚିତ୍ର, ପଲ୍ଲୀଗୀତ, ଭଜନମାନଙ୍କରେ କଣ୍ଠଦାନ କରିଛନ୍ତି, ତାଙ୍କୁ ଓଡ଼ିଆ ଆଧୁନିକ ଓ ସୁଗମ ସଙ୍ଗୀତର ଜନ୍ମଦାତା ବୋଲି କୁହାଯାଇଥାଏ। ତାଙ୍କୁ ଜୟଦେବ ପୁରସ୍କାର,ପ୍ରଚ୍ଛଦ ସଙ୍ଗୀତ ପାଇଁ ୭ ଗୋଟି ରାଜ୍ୟ ପୁରସ୍କାର,ରାଜ୍ୟ ସଙ୍ଗୀତକାର ପୁରସ୍କାର,ଅନେକଥର ଓଡ଼ିଶା ସିନେ କ୍ରିଟିକ ପୁରସ୍କାର ରେ ପୁରସ୍କୃତ କରାଯାଇଥିଲା ଏବଂ ୨୦୧୬ ମସିହାରେ ଜାନୁୟାରୀ ୬ ରେ କେଇସିଟି ଗ୍ରୁପଦ୍ୱାରା ଆୟୋଜିତ କଳିଙ୍ଗ ସିନେ ଆୱାର୍ଡ଼ କାର୍ଯ୍ୟକ୍ରମରେ ମରଣୋତ୍ତର ଉତ୍କଳ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସେହି ମହାନ୍ କିମ୍ବଦନ୍ତୀ ଗାୟକ ୨୦୦୨ ମସିହା ନଭେମ୍ବର ୧୭ ତାରିଖରେ ଦୁନିଆ ଛାଡ଼ି ଚ଼ାଲିଗଲେ।ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ ତାର ସାଧନା,ସିଦ୍ଧି ଓ ସୁକୃତ ପାଇଁ ସେ ଯେପରି ଅମର ରହେ, ସ୍ୱର୍ଗତ ଅକ୍ଷୟ ମହାନ୍ତି(ଖୋକା ଭାଇ) ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା,ସାହିତ୍ୟ ସାଧନା,ଗୀତିକାର, ସଂଗୀତ ନିର୍ଦ୍ଦେଶନା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଓଡ଼ିଶା ର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଓଡ଼ିଶାର ପ୍ରତିଟି ମଣିଷଙ୍କ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ,ଚ଼ିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ-କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ,କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ। ଆଜି ତାଙ୍କର ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ବିଧାୟକମାନଙ୍କ ପାଇଁ ନିର୍ମାଣ ହେବ ବହୁତଳ ବିଶିଷ୍ଟ ଆବାସିକ ଗୃହ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ବିଧାୟକମାନଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରି ସେମାନଙ୍କୁ ଆବଂଟନ କରିବାକୁ ସରକାରୀ ସ୍ତରରେ ନିଷ୍ପତି ନିଆଯାଇଛି । ଭୁବନେଶ୍ୱରରେ ପର୍ଯ୍ୟାପ୍ତ ଗୃହ ନଥିବାରୁ ବିଧାୟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ଏହାର ସ୍ଥାୟୀ ସମାଧାନ ପାଇଁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଆଜି ଏ ସଂକ୍ରାନ୍ତୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ଡ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥାଇ ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଏକ ବହୁତଳବିଶିଷ୍ଟ ଆବାସିକ ଗୃହ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ଏଥି ପାଇଁ ୭୦ କୋଟି ଟଙ୍କା ଆବଂଟିତ ହୋଇଥିବା ସ୍ଥଳେ ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୪୦୦ କୋଟି ଟଙ୍କା ରହିଛି। ଅତିରିକ୍ତ ବଜେଟ୍ ରେ ସରକାରଙ୍କ ତରଫରୁ ୫୦ କୋଟି ଟଙ୍କା ଅଲଗା ଏକ ହେଡ୍ ଅଫ୍ ଆକାଉଂଟରେ ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପୂର୍ତ୍ତ ବିଭାଗ ନିର୍ଦ୍ଦେଶକ, ଇଷ୍ଟେଟ୍ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇଥିଲେ ।

## ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୨୫୫ ହେଲା

ଭୁବନେଶ୍ୱର,୧୧/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୫୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ, କେନ୍ଦ୍ରାପଡା ଓ ଖୋର୍ଧା ଜିଲ୍ଲାର ୨-୨ ଜଣ ମୃତ୍ୟୁବରଣ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟ କ୍ୟାବିନେଟ....

କରାଯିବ। ଓଡିଶା ଅବକାରୀ ସେବା ବର୍ଗର ବିଭିନ୍ନ ପଦବୀ ତଥା ଅତିରିକ୍ତ ଅବକାରୀ କମିଶନର ପଦବୀ ସୃଷ୍ଟି ଓ ଅଧିକୃତ ଉପଅବକାରୀ ଅଧିକ୍ଷକ ଶ୍ରେଣୀ ବି ପଦବୀର ୪୦% ସିଧାସଳଖ ଚୟନ ପ୍ରକ୍ରିୟାକୁ ଉପସ୍ଥାପନ ପାଇଁ ରାଜ୍ୟ ଅବକାରୀ ବିଭାଗ ପ୍ରଚଳିତ ନିୟମକୁ ବାତିଲ କରି ଓଡିଶା ଅବକାରୀ ସେବା ଶ୍ରେଣୀ -ଏ ଏବଂ ଓଡିଶା ଅବକାରୀ ସେବା ଶ୍ରେଣୀ - ବି ଚୟନ ପ୍ରକ୍ରିୟା ଓ ସେବା ସର୍ତାବଳୀ ନିୟମ ୨୦୨୧ ପ୍ରଣୟନ ପାଇଁ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଦ୍ୱାରା ଅତିରିକ୍ତ ଅବକାରୀ କମିଶନର, ଯୁଗ୍ମ ଅବକାରୀ କମିଶନର, ଉପଅବକାରୀ କମିଶନର, ଅବକାରୀ ଅଧିକ୍ଷକ (ଶ୍ରେଣୀ ଏ) ଓ ଉପଅଧିକାରୀ ଅଧିକ୍ଷକ (ଶ୍ରେଣୀ ବି ) କ୍ଷେତ୍ର ପ୍ରତିଷ୍ଠାନ ଗୁଡିକରେ ପର୍ଯ୍ୟାପ୍ତ ପଦୋନ୍ନତିକୁ ନିଶ୍ଚିତ କରିବା ସହିତ ଅବକାରୀ କ୍ଷେତ୍ର ପ୍ରଶାସନକୁ ଅଧିକ ପରିପକ୍ୱ ତଥା ପ୍ରଭାବଶାଳୀ କରିବ। ସେହିପରି ଓଡିଶା ସଚିବାଳୟ ଷ୍ଟେନୋଗ୍ରାଫର ଓ ପର୍ସନାଲ ଆସିଷ୍ଟାଂଟ (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ ୧୯୯୭ର ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟର ବିଭିନ୍ନ ପୋଲିସ୍ ସଂସ୍ଥାରେ କାମ କରୁଥିବା ଅମଲା କର୍ମଚାରୀମାନଙ୍କୁ ଓଡିଶା ସିଭିଲ୍ ସେବା (ବର୍ଗୀକରଣ , ନିୟନ୍ତଣ ଓ ଅପିଲ)ନିୟମାବଳୀ ୧୯୬୨ ପରିଧିକୁ ଅଣାଯାଇଛି। ଫଳରେ ଉକ୍ତ ଅମଲା କର୍ମଚାରୀଙ୍କ ଦରମା ବ୍ୟବସ୍ଥ ଓ ରାଜ୍ୟର ଅନ୍ୟ ଅମଲା କର୍ମଚାରୀଙ୍କର ଏକରୂପତା ଆସିବ। ଅମଲା କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ସହାୟକ ଉପନିରୀକ୍ଷକ ରୁ ଉପଆରକ୍ଷୀ ଅଧୀକ୍ଷକ ପୋଲିସ୍ ଏକ୍‌ଜିକ୍ୟୁଟିଭ୍ ର୍ୟାଙ୍କ୍ ପ୍ରତ୍ୟାହାର କରାଯାଇଛି।

### ମନୀଷଙ୍କ ମୃତ୍ୟୁକୁ ନେଇ....

ପାଇଁ ପୋଲିସ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରିଥିବାବେଳେ, ମୃତ ଦେହର ଡାଏଟମ୍ ଟେଷ୍ଟ ଓ ଭିସେରା ପାଇଁ ପରୀକ୍ଷାଗାରକୁ ପଠାଯାଇଛି । ଅନ୍ୟପଟେ ମନୀଷଙ୍କ ବାପା ନବୀନ ଦାସ ଏକ ଭିଡିଓ ଜାରି କରି କହିଛନ୍ତି, ତାଙ୍କ ପୁଅକୁ ସାଙ୍ଗମାନେ ହିଁ ହତ୍ୟା କରିଛନ୍ତି । ମନୀଷ ମୃତ୍ୟୁ ମାମଲାରେ ୫ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବାବେଳେ, ପୋଲିସ ଷ୍ଟାନରରେ ରହିଛି ଧଳା ରଙ୍ଗର ବାଲେନୋ ଗାଡି । ସେହି ଗାଡିରେ ଶେଷ ଥର ପାଇଁ ମନୀଷଙ୍କୁ ଅଣାଯାଇଥିଲା । ରହସ୍ୟର ଏହି କାହାଣୀ ଭିତରେ ଅନେକ ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି ।

### ସ୍ୱିସ୍ ବ୍ୟାଙ୍କ ଜାରିକଲା ଭାରତୀୟ....

ଏହା ମଧ୍ୟରେ ଆଣ୍ଟିଗୁଆ, ବାରବୁଡା, ଅଜରବୈଜାନ, ଡୋମିନିକା, ଘାନା, ଲେବନାନ, ମକାଓ, ପାକିସ୍ତାନ, କତର, ସମୋଆ ଓ ଭାଉତାଓ ସାମିଲ ରହିଛି । କହିରଖୁ କି ସ୍ୱିଜରଲାଣ୍ଡ କର ପ୍ରଶାସନ ଦେଇଥିବା ସୂଚନାରେ ଦେଶର ନାମ ଓ ଆଗୁଆ ବିବରଣୀ ପ୍ରଦାନ କରିନାହିଁ । ଅଧିକାରୀ କହିଛନ୍ତି କି ଭାରତକୁ ଲଗାତର ତୃତୀୟ ବର୍ଷ ସୂଚନା ଦିଆଯାଇଛି । ଅନ୍ୟପଟେ ୨୬ ଟି ଦେଶ ସ୍ୱିଜରଲାଣ୍ଡ ସହ ସୂଚନା ସେୟାର କରିଥିବା ବେଳେ ସ୍ୱିଜରଲାଣ୍ଡ ସରକାର ନିଜ ତରଫରୁ କୌଣସି ସୂଚନା ସେୟାର କରିନାହିଁ । ଅନୁମାନ କରାଯାଉଛି କି ତଥ୍ୟ ସୁରକ୍ଷିତ କାରଣରୁ ୧୪ ଟି ଦେଶକୁ ସ୍ୱିଜରଲାଣ୍ଡ ସୂଚନା ଦେବାକୁ ମନା କରିଛି । ଏହାସହ ୧୨ ଟି ଦେଶ ଜାଣିଶୁଣି ସୂଚନା ପ୍ରାପ୍ତ ନକରିବାକୁ ସହମତି ପ୍ରକାଶ କରିଛନ୍ତି ।

### ଜାମ୍ମୁ-କାଶ୍ମୀରର ପୁଂଛରେ....

ଜଣେ ଜେସିଓ ସହିତ ସେନାର ପାଂଚଜଣ ଯବାନ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ନିକଟବର୍ତି ହସ୍ପିଟାଲ୍ ପହଂଚାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଳିଚାଳନା ହେଉଥିବା ସ୍ଥାନରେ ଅତିରକ୍ତ ସୁରକ୍ଷାକର୍ମୀ ପହଂଚି ଥିଲେ ଯେଉଁଥିରେ କେତେକ ବରିଷ୍ଠ ଅଧିକାରୀ ମଧ ଅଛନ୍ତି। ଶହୀଦ ହୋଇଥିବା ଜେସିଓ ଏବଂ ଅନ୍ୟ ଚାରି ଯବାନଙ୍କ ପରିଚୟ ବର୍ତମାନ ପର୍ଯ୍ୟନ୍ତ ଜଣାଇଦିଆଯାଇନାହିଁ। ଏବେ ପର୍ଯ୍ୟନ୍ତ ଗୁଳିଚାଳନା ଜାରି ରହିଛି।

## ନାନାଜୀ ଦେଶମୁଖ ଥିଲେ ଗ୍ରାମୋଦୟ ଓ ଅନ୍ତୋଦୟର ଉପାସକ : ଅମିତ ଶାହ

ନୂଆଦିଲ୍ଲୀ,୧୧/୧୦ (ନି.ପ୍ର): ଭାରତ ରତ୍ନ ନାନାଜୀ ଦେଶମୁଖଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ଟ୍ୱିଟ୍ କରି ଉଲ୍ଲେଖ କରିଛନ୍ତି ଯେ, ନାନାଜୀ ଦେଶମୁଖ ଗ୍ରାମୋଦୟ ଓ ଅନ୍ତୋଦୟର ଉପାସକ ଥିଲେ । ସେ ଦେଶବାସୀଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଗରିବ ଓ ଚାଷୀଙ୍କୁ ସଶକ୍ତ କରିବା କ୍ଷେତ୍ରରେ ସେ ଜୀବନ ବ୍ୟାପୀ ସଂଘର୍ଷ କରିଥିଲେ । ସେ ରାଜନୀତି କ୍ଷେତ୍ରରେ ସେବା ଓ ଉଚ୍ଚ ଆଦର୍ଶ ସ୍ଥାପନ କରିବା ସହ ଶାସନ କ୍ଷମତାକୁ ସେବା ସହିତ ଯୋଡ଼ିବାର କାର୍ଯ୍ୟ କରିଥିଲେ ।

## ଖଇରା ବଜାରରେ ଜଳ ନିଷ୍କାସନ ପାଇଁ ଉପଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ



ଖଇରା,୧୧/୧୦(ନିପ୍ର) ସାମାନ୍ୟ ବର୍ଷାରେ ଖଇରା ବଜାର ତଥା ଆଖ ପାଖ ଅଂଚଳ ଜଳମଗ୍ନ ହେବା ସହିତ ଧନ ସମ୍ପତି ନଷ୍ଟ ହେଉଛି । ବନ୍ୟାଜଳ ନିଷ୍କାସନର ସୁବ୍ୟବସ୍ଥା ନଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଜନସାଧାରଣ ପ୍ରଶାସନକୁ ବାରମ୍ବାର ଜଣାଉଥିଲେ ମଧ କିଛି ସୁଫଳ ମିଳିପାରୁନାହିଁ । ଗତ କିଛିଦିନ ପୂର୍ବେ ଖଇରା ତହସିଲଦାର ମହେନ୍ଦ୍ର ବେହେରାଙ୍କୁ ଅଂଚଳବାସି ଲିଖିତ ଦାବିପତ୍ର ଦେଇ ରାସ୍ତାରୋକ କରିବାଭଳି ପନ୍ଥା ଅବଲମ୍ବନ କରିବାକୁ ଚେତାବନି ଦେଇଥିଲେ । ଏଥି ନେଇ ଉପଜିଲ୍ଲାପାଳ ଆଶିଶ୍ ଈଶ୍ୱର ପାଟିଲ୍ ଖଇରା ତହସିଲରେ ଉପସ୍ଥିତ ରହି ସ୍ଥିତି ଉପରେ ସମିକ୍ଷା ବୈଠକ କରିଥିଲେ । ଏହି ବୈଠକରେ ବିଭିନ୍ନ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତି ଥିଲେ ଉପଜିଲ୍ଲାପାଳ ଶ୍ରୀ ପାଟିଲ୍ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ସ୍ଥାନ ଗୁଡିକୁ ବୁଲି ଦେଖିବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଉପସ୍ଥିତ ଯନ୍ତ୍ରୀ ମାନେ ଖଇରା ବଜାରର ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ସ୍ଥାନ ଗୁଡିକ ବୁଲି ଦେଖିଥିଲେ । ପରେ ଏଥିନେଇ ନୋଟିସ ଜାରୀ କାରି ଅବରୋଧ ସ୍ଥାନ ଉଛେଦ କରିବା ଉପରେ ଆଲୋଚନା ହୋଇଥିଲା । ଏଥିରେ ଜଳ ନିଷ୍କାସନ ବିଭାଗର ଉପଖଣ୍ଡ ଅଧିକାରୀ କ୍ଷୀତିଶ ଚନ୍ଦ୍ର ସାହୁ,ପୂର୍ତ୍ତ ଓ ରାସ୍ତା ବିଭାଗର ଉପଖଣ୍ଡ ଅଧିକାରୀ ହରିଶ୍ଚନ୍ଦ୍ର ଦ୍ୱାରୀ ,ସହକାରୀ ଯନ୍ତ୍ରୀ ନରେଶ ଚନ୍ଦ୍ର ସିଂ,ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ତୁଷାର କୁମାର ବେହେରା ଉପସ୍ଥିତ ଥିଲେ । ଖଇରା ବଜାର ଜଳ ନିଷ୍କାସନ କମିଟିର ପକ୍ଷରୁ ଜଗଦାନନ୍ଦ ମହାପାତ୍ର, ସନ୍ତୋଷ କୁମାର ବିଶ୍ୱାଳ, ମାନସ ମହାପାତ୍ର, ଜନ୍ମେଜୟ ଶତପଥୀ,କୃଷଭଦ୍ର କର, ଧନଞ୍ଜୟ ପଣ୍ଡା,ଧରଣୀଧର ଦାସଙ୍କ ସମେତ ସ୍ଥାନିୟ ଅଂଚଳବାସୀ ମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଗତ ୟାଶ ବାତ୍ୟ ସମୟରେ ଖଇରା ବଜାରର ଥିବା ପଂଚାୟତ ସମିତି କାର୍ଯ୍ୟାଳୟ, ଥାନା, ତହସିଲ, ଡାକ୍ତରଖାନା, ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ, ଆଳଦା, ପୁରସ୍ତମପୁର, ବିଶୁନପୁର, ମୁକ୍ତାବେଗୁନିଆ ସମେତ ଆଖପାଖ ଗାଁ ଜଳବନ୍ଦୀ ହୋଇ ରହିଥିଲା । ସେହିପରି ବଜାରରେ ଥିବା ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକ ଜଳମଗ୍ନ ହୋଇଯାଇଥିବାରୁ ବ୍ୟାପକ କ୍ଷତି ହୋଇଥିଲା ।

## ବନ୍ତ ସିପିଆଇଏମ୍ ଆଂଚଳିକ କମିଟିର କାର୍ଯ୍ୟକାରିଣୀ ବୈଠକ

ଭଦ୍ରକ,୧୧/୧୦ (ନି.ପ୍ର): ସିପିଆଇଏମ୍ ବନ୍ତ ଆ ଳିକ କମିଟିର ୪ର୍ଥ କାର୍ଯ୍ୟକାରିଣୀ ସମ୍ମିଳନୀ ପଧାନପଡ଼ା ପ ।ୟତ ତରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଆଂଚଳିକ କମିଟି ସମ୍ପାଦକ ରବିନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଆଗାମୀ ପଂଚାୟତ ନିର୍ବାଚନରେ ଦଳର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ପ୍ରାଧ୍ୟାପକ ପ୍ରଭାସ ଚନ୍ଦ୍ର ମହାପାତ୍ରଙ୍କୁ ନୂତନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଅପରାହ୍ନରେ ସିପିଆଇଏମ୍‌ର ଦଳୀୟ କର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ପଧାନପଡ଼ା ପଂଚାୟତ ଅଫିସ୍ ଠାରୁ ବାହାରି ବଜାର ପରିକ୍ରମା କରିବା ସହ ଥାନାଛକରେ ପହଂଚିଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ଆଇନଜୀବୀ ଦିବ୍ୟସିଂ ନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଶା କୃଷକ ସଭାର ରାଜ୍ୟ ନେତା ନିର୍ମଳ ଚନ୍ଦ୍ର ନାୟକ ଓ ସମ୍ମାନୀତ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମହାପାତ୍ର, ଶ୍ରମିକ ନେତା ଚନ୍ଦ୍ର ଶେଖର ନାୟକ, ଆଇନଜୀବୀ ପ୍ରତାପ ସେଠୀ,ନିରଞ୍ଜନ ପାଣି ପ୍ରମୁଖ ଯୋଗଦେଇ ଡିଜେଲ, ପେଟ୍ରୋଲ ସହ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି, ଶ୍ରମିକ ବିରୋଧୀ ୪ଶ୍ରମ କୋର୍ଡ ବାତିଲ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତିକୁ କଟୁ ସମାଲୋଚନା କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୩ଗୋଟି ନୂତନ କୃଷିଆଇନ ବିଲକୁ ପ୍ରତ୍ୟାହାର କରିବା ନିମନ୍ତେ ଦାବି କରାଯାଇଥିଲା। ସନାତନ ଜେନା, ମହେଶ୍ୱର ନାୟକ, ବରିଷ୍ଠ ସଭ୍ୟ ନାରାୟଣ ଚନ୍ଦ୍ର ଲେଙ୍କା, ନାରୀନେତ୍ରୀ ରୋଜାଲିନ ସାମ୍ୟବାଦୀ, ଅଭିମନ୍ୟୁ ସେଠୀ, ନନ୍ଦ ଓଝା, ବିପିନ ଜେନା, ସତ୍ୟଭାମା ସାହୁ, ଚମ୍ପା ଓଝା, ଭଗବାନ ପଲେଇ, ରୋହିତ ପେଡ଼ି, ଶତ୍ରୁଘ୍ନ ଜେନା, ଭାସ୍କର ଜେନା, ଭୀମସେନ ଭୂୟାଁ, ଛାତ୍ରନେତ୍ରୀ ଉମାମଣି ଜେନା, ଝରଣା ସାହାଣୀ, ସୁକାନ୍ତୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ବିଭିନ୍ନ ପ ।ୟତର ଶତାଧିକ ଦଳୀୟ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ଦୂରସଂଚାର ବିଭାଗ ପକ୍ଷରୁ ସଚେତନତାମୂଳକ ୱେବିନାର

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଓଡ଼ିଶା ଦୂରସଂଚାର ବିଭାଗ(ଏଲ୍.ଏସ୍.ଏ.) ପକ୍ଷରୁ ୨୦୨୧ରେ ଇ.ଏମ୍.ଏଫ୍ ରାଡିଏସନ୍ ବିକିରଣ ଉପରେ ଏକ ସଚେତନତାମୂଳକ ଓେବିନାର ମୁଖ୍ୟ ଡାକଘରଠାରେ ଆୟୋଜିତ ହୋଇଥିଲା। ଭାରତ ସ୍ୱାଧୀନତାର ୭୫ ବର୍ଷ 'ଆଜାଦୀ କା ଅମୃତ' ମହୋତ୍ସବ ପାଳନ ଅବସରରେ ଜନସାଧାରଣଙ୍କ ପାଖରେ ଦୂରସଂଚାର ବିଭାଗ କିପରି ସହଜ, ସରଳରେ ପହଂଚି ପାରିବ, ଟାୱାରର ଗୁଣବତା, ଦୂରସଂଚାରର ନିକଟ ଭବିଷ୍ୟତରେ '୫ ଜି'ର ନେଟ୍‌ୱାର୍କ ତଥା 'ଆତ୍ମନିର୍ଭର ଭାରତ' ନିର୍ମାଣ କରାଯିବା ଉପରେ ଉକ୍ତ ୱେବିନାର ଆୟୋଜିତ କରାଯାଇଥିଲା। ଏଥିରେ ସଭାପତିତ୍ୱ କରି ଓଡ଼ିଶା ବରିଷ୍ଠ ନିର୍ଦ୍ଦେଶକ, ଲାଇସେନ୍ସିଂ ଶ୍ରୀ ବି.କେ. ନାୟକ, ବରିଷ୍ଠ ଉପ-ମହାନିର୍ଦ୍ଦେଶକ ଟି. ବାରାପ୍ରସାଦ, ନିର୍ଦ୍ଦେଶକ ସଞ୍ଜୟ କୁମାର ଗୁପ୍ତା ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଦୂରସଂଚାରର ରାଷ୍ଟ୍ରନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ଗ୍ରାହକଙ୍କୁ ସର୍ବୋତମ ମାନର ସେବା ଯୋଗାଇବା ସହିତ ଭିତିଭୂମିକୁ ଦୃଢ଼ କରିବା ତଥା ନେଟ୍‌ୱାର୍କ ଗୁଡ଼ିକୁ ବିସ୍ତାରିତ କରିବା ଏବଂ ବିଭିନ୍ନ ଉନ୍ନୟନମୂଳକ କାଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଏ ଲ . ଏ ସ . ଏ . ନିର୍ଦ୍ଦେଶକ(କମ୍ପ୍ଲିଆନ୍‌ସ) ସଞ୍ଜୟ କୁମାର ଗୁପ୍ତା ମତବ୍ୟକ୍ତ କରିଥିଲେ ଯେ, ଦୂରସଂଚାରର ପ୍ରାସଙ୍ଗିକତା ମନୁଷ୍ୟ ଜୀବନ ଉପରେ ପଡ଼ିବା ସହିତ ରାଷ୍ଟ୍ର ନିର୍ମାଣରେ ଆହୁରି ଲୋକାଭିମୁଖୀ କାର୍ଯ୍ୟ କରିବା ପାଇଁ ଉକ୍ତ ବିଭାଗ ସଦାସର୍ବଦା ପ୍ରୟାସ ଜାରି ରଖିଛି। କାର୍ଯ୍ୟକ୍ରମକୁ ସଂଯୋଜନା କରି ବ୍ୟକ୍ତିଗତ ସଚିବ ତଥା ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ଷଡ଼ଙ୍ଗୀ ଦୂରସ ।ରର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିବା ସହିତ ବି.ଏସ୍.ଏନ୍.ଏଲ୍. ଏବଂ ଭାରତ ସରକାରଙ୍କର ଏହି ବିଭାଗଟି ଜନକଲ୍ୟାଣ ପାଇଁ ସମର୍ପିତ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପ ମହାନିର୍ଦ୍ଦେଶକ ଜି. ରତ୍ନକୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବି.କେ. ନାୟକ ଭାରତ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପି.କେ. ଯୋଷୀ ପ୍ରମୁଖ ୱେବିନାର ମାଧ୍ୟମରେ ଯୋଡ଼ିହୋଇ ନିଜନିଜର ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଜନସାଧାରଣ ବିକିରଣ ସମସ୍ୟା ନେଇ କୌଣସି ପ୍ରକାରେ ଆତଙ୍କିତ ଏବଂ ଭୟଭୀତ ହେବା ଉଚିତ ନୁହେଁ। ଏହା ସହିତ ସ୍ୱାସ୍ଥ୍ୟ ପ୍ରତି କୌଣସି କ୍ଷତିକାରକ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଆଲୋଚନାରେ ନୂଆଦିଲ୍ଲୀ ଏବଂ ଅନ୍ୟ ଅଂଚଳରୁ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏକ ପ୍ରେସ୍‌ବାର୍ତାରେ ଜନସମ୍ପର୍କ ଅଧିକାରୀ ତଥା ବ୍ୟକ୍ତିଗତ ସଚିବ ମନୋଜ କୁମାର ଷଡ଼ଙ୍ଗୀ କହିଛନ୍ତି। ଓଡ଼ିଶା ଏଲ୍.ଏସ୍.ଏ.ର ନିର୍ଦ୍ଦେଶକ ଶର୍ମା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସ୍ତୁତି ପଥେ ୩୦୫ ବର୍ଷର ପୁରାତନ ଆଗରପଡ଼ା ଦୁର୍ଗାପୂଜା

ଭଦ୍ରକ,୧୧/୧୦ (ନି.ପ୍ର): ସଂସ୍କୃତିର ପୂଣ୍ୟମାଟି ଆଗରପଡ଼ାରେ ବାରମାସରେ ତେର ପର୍ବ ପାଳନ ହୋଇଥାଏ । ସେଥିମଧ୍ୟରୁ ଶାରଦୀୟ ଦୁର୍ଗାପୂଜା ଅନ୍ୟତମ । ୩୦୫ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜା ଐତିହ ସଂପନ୍ନ ପରମ୍ପରାର ପରିଚାୟକ। ଆଗରପଡ଼ାରେ ପୂର୍ବରୁ ମାହାଲ ଓ ମହାଜୀବ ୨ଟି ରାଜ ବଂଶଜମାନେ ଏଠାରେ ଏହି ପୂଜା ଆରମ୍ଭ କରିଥିଲେ। ସେହି ପରମ୍ପରା ଓ ସଂସ୍କୃତି ଆଜି ଯାଏ ବଂଚି ରହିଛି। ଏହି ୨ ରାଜବଂଶଜ ସ୍ଥାନୀୟ ବଙ୍ଗାଳୀ ସଂପ୍ରଦାୟ ଲୋକଙ୍କୁ ଜମି ପ୍ରଦାନ କରିଥିଲେ। ଏଥିରୁ ଉପାର୍ଜିତ ଅର୍ଥରେ ଏହି ପୂଜା ଆଜି ଯାଏ ପାଳିତ ହୋଇଆସୁଛି। ସ୍ଥାନୀୟ ବଙ୍ଗାଳୀ ସାହୀରେ ୩ଟି ମେଢରେ ମା' ଦୁର୍ଗା ପୂଜା ପାଉଛନ୍ତି। କରୋନା କଟକଣା ସତ୍ୱେ ମଧ୍ୟ ଏଥର ଦୁର୍ଗା ମୂର୍ତୀ ନିର୍ମାଣ କାର୍ଯ୍ୟ ଦ୍ରୁତ ପଥରେ ଆଗେଇ ଚାଲିଛି। ୩ଟି ମେଢ ମଧ୍ୟରୁ ୨ଟି ମେଢରେ ସ୍ଥାନୀୟ ବରହମପୁର ଗ୍ରାମର ସୁପ୍ରସିଦ୍ଧ ମାଝି ପରିବାର ମୂର୍ତୀ ଗଢୁଥିବା ବେଳେ ମଝି ମେଢଟି ସ୍ୱର୍ଗତ ଶକର୍ଷଣ ଦାସଙ୍କ ଝିଅ ଓ ନାତି ଗଢୁଛନ୍ତି। ମାନସିକଧାରୀମାନେ ଦେଇଥିବା କଖାରୁ ଛେଦନ କାର୍ଯ୍ୟ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥାଏ।

## ସେବା ଦିବସ ଅବସରରେ ରକ୍ତଦାନ ଶିବିର ଓ ସାରସ୍ୱତ ସମାବେଶ ଅନୁଷ୍ଠିତ




ଉଦଳା,୧୧/୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘର ମିଳିତ ଉଦ୍ୟମରେ ଉଦଳା ଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ସେବା ଦିବସ ପାଳନ ଅବସରରେ ଚଳିତ ଅକ୍ଟୋବର ୯ ଓ ୧୦ ତାରିଖ ୨ ଦିନ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ଓ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ରଙ୍କ ନେତୃତ୍ୱରେ ୯ ତାରିଖ ଶନିବାର ଦିନ ପ୍ରଭାତରେ ବସ୍‌ଷ୍ଟାଣ୍ଡ ନିକଟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଓ ପରେ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଦିବସବ୍ୟାପି ଚାଲିଥିବା ଏହି ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହାପରେ ୧୦ ତାରିଖ ରବିବାର ଦିନ ଏକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଥିଲା ଉକ୍ତ ସମାବେଶରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସେବା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭକ୍ତି ଜ୍ଞାନ ସଂଚାର ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ପୁଥାଳ, ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ ମହାଳିକ, ଅବସରପ୍ରାପ୍ତ ଶିକ୍ଷକ ରବିକାନ୍ତ ମହାପାତ୍ର, ଆଇନଜୀବି ସତ୍ୟବ୍ରତ ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ଉତ୍କଳମଣିଙ୍କ ସେବା ଓ ସାରସ୍ୱତ ସାଧନା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦିକ୍ଷୀତ, କବୟିତ୍ରୀ ସ୍ମୃତିମୟୀ ଦାସ ଓ ଯୋଗ ଶିକ୍ଷକ ବ୍ରହ୍ମାନନ୍ଦ ନାୟକଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ନିକଟରେ ସ୍ୱର୍ଗାରୋହଣ କରିଥିବା କବି ବିଷ୍ଣୁ ମୋହନ ବେହେରା ଓ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିପକ ଷଡ଼ଙ୍ଗୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଗଠକ ମନୋରଂଜନ ମଲ୍ଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏକଲ ଅଭିଯାନର କର୍ମୀ ଅଜୟ ବେହେରା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ନମିତା ରାଉତ, ମମତା ସାହୁ, ଅନିତା ବିଶ୍ୱାଳ, ସନାତନ ରାଉତ, ସୁଶାନ୍ତ ପଟ୍ଟନାୟକ, ପ୍ରଫୁଲ୍ଲ ଖିଲାର, ତାରାକାନ୍ତ ରାୟ, କରୁଣାକର ଦାସ, ନରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ମହାପ୍ରସାଦ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ,୧୧/୧୦ (ନି.ପ୍ର): ଚଳିତ ମାସ ୧୫ ତାରିଖ ଦିନ ଦଶହରାରେ ଦର୍ଶନାର୍ଥୀଙ୍କ ଲାଗି ଶ୍ରୀମନ୍ଦିର ବନ୍ଦ ରହିବ। ତେବେ କୁମାର ପୂର୍ଣ୍ଣିମାରେ ଶଦ୍ଧାଳୁମାନେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିପାରିବେ। ଏଥିଲାଗି ଆସନ୍ତା ଦୁଇ ଦିନ ମଧ୍ୟରେ ସଂଶୋଧିତ ଏସ୍‌ଓପି ଜାରି କରାଯିବ। ମହା କାର୍ତ୍ତିକ ପାଇଁ ନୀତି ନିର୍ଘଣ୍ଟ ସହିତ ହବିଷ୍ୟାଳୀଙ୍କ ପାଇଁ କଟକଣା ରହିବ। କାର୍ତ୍ତିକ ମାସରେ ତିନି ଦିନ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଭକ୍ତଙ୍କ ସୁବିଧା ପାଇଁ ମହାପ୍ରସାଦ ଯୋଗାଇଦେବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏନ୍‌ଏମ୍‌ର ଅନୁମତି ମିଳି ସାରିଥିବାରୁ ଆସନ୍ତା ୧୮ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପର ଶୁଭାରମ୍ଭ କରିବେ। ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଏହି କାର୍ଯ୍ୟ କରାଯିବ। ଛତିଶା ନିଯୋଗ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି। ନୀଳାଦ୍ରୀ ଭକ୍ତ ନିବାସଠାରେ ଆଜି ନୀତି ଓ ଅର୍ଥ ସବ୍ କମିଟିର ବୈଠକ ପରେ ଛତିଶା ନିଯୋଗ ବୈଠକ ବସିଥିଲା। ଅର୍ଥ ସବ୍ କମିଟି ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ୧୯୦ କୋଟି ୨୬ ଲକ୍ଷ ୫ ହଜାର ୩୦୬ ଟଙ୍କାର ବଜେଟ୍ ଅନୁମୋଦିତ ହୋଇଛି। ଚଳିତ ବର୍ଷ ଖଣି ଓ ସୈରାତ ରାଜସ୍ୱ ଆଦାୟ ଅଧିକ ରହିଛି। ରାଜସ୍ୱ ଆଦାୟ ଅର୍ଥ ରଥଯାତ୍ରା,ମହାପ୍ରଭୁଙ୍କ ନୀତିକାନ୍ତି, ସେବାୟତଙ୍କ ସ୍ୱାସ୍ଥ୍ୟ,ଶିକ୍ଷା ଓ ସାମାଜିକ କଲ୍ୟାଣ ଲାଗି ବ୍ୟୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି। ନଭେମ୍ବର ୪ ଦିପାବଳୀ,୧୫ରେ ଏକାଦଶୀ ଓ ୧୯ରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ବନ୍ଦ ରହିବ। ଦର୍ଶନ ପାଇଁ କୌଣସି କଟକଣା ନଥିଲେ ମଧ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ନଆସିବା ଲାଗି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କୁମାର ପୂର୍ଣ୍ଣିମା ପର ଠାରୁ ପାରମ୍ପରିକ ବେଶ ପୋଷାକ ପିନ୍ଧି ସେବାୟତମାନେ ପର୍ଯ୍ୟାୟକ୍ରମେ ପୋଖରିଆ ଓ ଗର୍ଭ ଗୃହରେ ପ୍ରବେଶ କରିବା ଲାଗି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀମନ୍ଦିର ମୁଖ୍ୟପ୍ରଶାକ ଗଣମାଧ୍ୟମକୁ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଛତିଶା ନିଯୋଗ ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଅତିରିକ୍ତ ଏସ୍‌ପି ଓ ଛତିଶା ନିଯୋଗର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ବାଲେଶ୍ୱର ମଙ୍ଗଳବାର, ୧୨ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଖାଦ୍ୟ ଓ ସଂଗ୍ରହଣ ନୀତିକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା ନିମନ୍ତେ 'ଖାଦ୍ୟ ଓ ସଂଗ୍ରହଣ ନୀତି, ୨୦୨୧-୨୨'କୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି । ୨୦୨୧-୨୨ ଖରିଫ ବିପଣନ ବର୍ଷରେ ମୋଟ ୫୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଅବା ୭୭ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ଖରିଫ ଋତୁରେ ୬୩ଲକ୍ଷ ଓ ରବି ଋତୁରେ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ। ଏହାଠୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କଠୁ ମଣ୍ଡିକୁ ଆସିବ ତାକୁ ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ ଓ ବିଭାଗୀୟ ମନ୍ତ୍ରୀ ଏହି ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, ଆଜିର କ୍ୟାବିନେଟ ବୈଠକରେ ମୋଟ ୧୭ଟି ଏଜେଣ୍ଡାକୁ ଅନୁମୋଦନ ମିଳିଛି। ଖରିଫ ବିପଣନ ବର୍ଷ ୨୦୨୧-୨୨ରେ ମୋଟ ୫୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଅବା ୭୭ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୦-୨୧ରେ ମୋଟ ୭୭.୩୩ଲକ୍ଷ ମେଟ୍ରିକ ଟନ୍ ଧାନ ଅବା ୫୨.୩୫ଲକ୍ଷ ମେଟ୍ରିକ ଟନ୍ ଚାଉଳ କ୍ରୟ କରାଯାଇଥିଲା। ୨୦୨୧ ନଭେମ୍ବରରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ୨୦୨୨ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ। ଏହି ସମୟସୀମା ମଧ୍ୟରେ ଜିଲ୍ଲାଗୁଡ଼ିକ ସେମାନଙ୍କର ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୯୪୦ଟଙ୍କା ଓ ୧୯୬୦ଟଙ୍କା ହାରରେ ଚାଷୀଙ୍କଠୁ ଧାନ କିଣା ଯିବ। କେବଳ ପଞ୍ଜିକୃତ ଚାଷୀଙ୍କଠୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ। ଧାନ ବିକ୍ରି ପାଇଁ 'ଆଧାର' ହେବ ଏକମାତ୍ର ପରିଚୟ ପତ୍ର। ଧାନ ବିକ୍ରି ସମୟରେ ଆଧାର ମାଧ୍ୟମରେ ପଞ୍ଜିକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟୀକରଣ କରାଯିବ। ଗତବର୍ଷ ଭଳି ପଞ୍ଜିକୃତ ଚାଷୀଙ୍କୁ ମୋବାଇଲ୍ ଫୋନ୍ ମାଧ୍ୟମରେ ଧାନ କ୍ରୟର ସବିଶେଷ ତଥ୍ୟ ଆଗୁଆ ଜଣାଇ ଦିଆଯିବ । ଧାନ ବିକ୍ରିର ୨୪ରୁ ୪୮ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ଅର୍ଥ ପ୍ରଦାନ କରାଯିବ ।

## ଜାମ୍ମୁରୁ ସନ୍ଦିଗ୍ଧ ପାକିସ୍ତାନୀ ଗୁପ୍ତଚର ଗିରଫ

ଜାମ୍ମୁ,୧୧/୧୦ (ନି.ପ୍ର): ଜାମ୍ମୁ-କାଶ୍ମୀର ପୋଲିସ୍‌ର ସ୍ପେଶାଲ ଅପରେସନ ଗ୍ରୁପ୍(ଏସ୍ଓଜି) ବିଶେଷ ଅଭିଯାନ ସମୟରେ ଜାମ୍ମୁର ଗାନ୍ଧୀନଗର ଇଲାକାରୁ ଏକ ସନ୍ଦିଗ୍ଧ ଗୁପ୍ତଚରକୁ ଗିରଫ କରିଛି। ଯିଏ ପାକିସ୍ତାନକୁ ଏଠାରୁ ସମ୍ବେଦନଶୀଳ ଅଂଚଳର ତଥ୍ୟ ଦେଉଥିଲା। ଧରାପଡ଼ିଥିବା ବ୍ୟକ୍ତି ଉତର ପ୍ରଦେଶର ଏବଂ ସ୍ଥାନୀୟ ପୋଲିସ୍ ତାକୁ ପଚରାଉଚୁରା କରୁଛି। ପୋଲିସ୍ର ଜଣେ ବରିଷ୍ଠ ଅଧିକାରୀ ସୋମବାର ଦିନ କହିଛନ୍ତି ଯେ ଏହି ଗୁପ୍ତଚର ନିକଟରେ ଇଂଟରନେଟ୍ ମିଡିଆ ଜରିଆରେ ପାକିସ୍ତାନରେ ବସି ନିଜ ମାଲିକଙ୍କୁ ଜାମ୍ମୁର କେତେକ ଧାର୍ମିକ ସ୍ଥଳ ସହିତ ଅନ୍ୟ ମହତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ଭିଡିଓ ଏବଂ ଫଟୋ ପଠାଉଥିଲା। ଏ ବିଷୟରେ ସୂଚନା ମିଳିବା ପରେ ଏସ୍ଓଜି ରବିବାରକୁ ବିଶେଷ ଅଭିଯାନ ଚଳାଇ ଗୁପ୍ତଚରକୁ ଗାନ୍ଧୀ ନଗରରୁ ଗିରଫ କରିଛି। ପୋଲିସ୍ ଗିରଫ ଜାସୁସର ବିରୁଦ୍ଧରେ ମାମଲା ରୁଜୁ କରି ତାକୁ ପଚରାଉଚୁରା ଚଳାଇଛି। ସେ କହିଛି ଯେ ଆରମ୍ଭ ଯାଂଚରେ ଏ ବିଷୟରେ ଜଣାଯାଇଛି ଯେ ଧରାପଡ଼ିଥିବା ଗୁପ୍ତଚର ପାକିସ୍ତାନରେ ଥିବା ପ୍ରଭୁମାନଙ୍କୁ ଧାର୍ମିକ ତଥା ଅନ୍ୟ ମହତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ଭିଡିଓ ଏବଂ ଫଟୋ ପଠାଉଥିଲା। ତା'ର ପରିଚୟ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାଯାଇ ନାହିଁ।

## ଚାଷୀ ହତ୍ୟା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମୌନ ପ୍ରତିବାଦ

ଭୁବନେଶ୍ୱର,୧୧/୧୦ (ନି.ପ୍ର): କେନ୍ଦ୍ର ସରକାର ପ୍ରଣୀତ କରିଥିବା ତିନିଗୋଟି କଳା କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଉତର ପ୍ରଦେଶର ଲଖିମପୁର ଖେରି ଠାରେ ବିକ୍ଷୋଭ କରୁଥିବା ଚାଷୀମାନଙ୍କୁ ଗାଡ଼ି ଚପାଇ ବର୍ବରୋଚିତ ଭାବେ ହତ୍ୟା କରିବା ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୌନବ୍ରତ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ରାଜଭବନ ଛକ ଠାରେ ଏହି ମୌନବ୍ରତ ପ୍ରତିବାଦ କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦିବା ୧୧ ଘଂଟା ଠାରୁ ୧ ଘଂଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କୃଷକମାନେ ହେଉଛନ୍ତି ଦେଶର ଅନ୍ନଦାତା। ଏହି ଅନ୍ନଦାତାମାନଙ୍କୁ ଯେଉଁଭଳି ନିଷ୍ଠୁର ଭାବରେ ହତ୍ୟା କରାଗଲା ତାହା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଏହି ଘଟଣାରେ ଆମେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। କଂଗ୍ରେସ ଦଳ ସର୍ବଦା ଅନ୍ନଦାତା ମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଛି ଓ ଆଜି ମଧ୍ୟ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡା ହୋଇଛି। ଯେପର୍ଯ୍ୟନ୍ତ ଏହି ଆଇନ ସରକାର ପ୍ରତ୍ୟାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ତାର ସଂଗ୍ରାମ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ନକୁଳ ନାୟକ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଅନୁଲେଖା ବୋଷା, ଜ୍ଞାନଦେବ ବେଉରା, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ବହୁମୁଖୀ ଋଣ ଶିବିର



ବାଲେଶ୍ୱର,୧୧/୧୦ (ନି.ପ୍ର): ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ବହୁମୁଖୀ ଋଣ ଶିବିର ସ୍ଥାନୀୟ ହୋଟେଲ ମାଆ ଇଣ୍ଟରନ୍ୟାସନାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର କ୍ଷେତ୍ରିୟ ପ୍ରବନ୍ଧକ ପ୍ରଦୀପ କୁମାର ସାମନ୍ତରାୟ, ଋଣ ବିଭାଗ ମୁଖ୍ୟ ପ୍ରବନ୍ଧକ ସନ୍ଦୀପ ସତପଥୀ, ବାଲେଶ୍ୱର ଶାଖା ପ୍ରବନ୍ଧକ ସନ୍ତୋଷ କୁମାର ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ଯୋଜନାରେ ପ୍ରଦାନ କରାଯାଉଥିବା ଋଣ ଓ ରିଆତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ନେଉଥିବା ଋଣର ସୁବିନିଯୋଗ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୨୨ ଜଣ ହିତାଧିକାରୀଙ୍କୁ ୧୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଏଥିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ସମେତ କୃଷି ଓ ମୁଦ୍ରା ଋଣ ଦିଆଯାଇଥିଲା। ଜୟଦେବ ମହାନ୍ତି, ସତ୍ୟାନନ୍ଦ ପାତ୍ର, ରମେଶ ସାହୁ, ନିବେଦିତା ବାରିକ, ଜୋହାର ସିଂ ପ୍ରମୁଖ ବ୍ୟାଙ୍କ କର୍ମଚାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଖାଦ୍ୟ ନିରାପତ୍ତା ଟିମର ଚଢ଼ଉ : ୧୫ହଜାର ଟଙ୍କାର ଜୋରିମାନା ଆଦାୟ



ବାଲେଶ୍ୱର,୧୧/୧୦ (ନି.ପ୍ର): ପାର୍ବଣରେ ବାସି ଓ ନିମ୍ନମାନର ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲଗାଇବାକୁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଖାଦ୍ୟ ନିରାପତ୍ତା ଟିମ ଦ୍ୱାରା ଗତ ୧୫ଦିନ ଧରି ସହରାଞ୍ଚଳର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ମିଠା ଦୋକାନ, ଖାଦ୍ୟସାମଗ୍ରୀ ବିକ୍ରି କରୁଥିବା ରାସ୍ତାପାର୍ଶ୍ୱ ଉଠା ଦୋକାନ ପ୍ରଭୃତିରେ ଅଚାନକ ଚଢ଼ଉ ଜାରି ରହିଛି । ସହରର ମୋତିଗଞ୍ଜ, ନୂଆବଜାର, ଫକୀରମୋହନ ଗୋଲେଇ ଓ କୁରୁଡ଼ା ଅଞ୍ଚଳରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ଗୁଣାତ୍ମକ ମାନ ଯାଞ୍ଚ କରାଯାଇଥିଲା। ଏହି ଚଢ଼ଉ ସମୟରେ ପ୍ରାୟ ୫୦ କିଲୋ ବାସି ଖାଦ୍ୟ ଓ ମିଷ୍ଟାନ୍ନ ନଷ୍ଟ କରାଯିବା ସହ ଦୋକାନୀଙ୍କଠାରୁ ୧୫ହଜାର ୬ଶହ ଟଙ୍କାର ଜରିମାନା ଆଦାୟ କରାଯାଇଛି । ସେହିଭଳି ନୀଳଗିରି ଓ ରେମୁଣା ଅଞ୍ଚଳ ମଧ୍ୟ ଚଢ଼ଉ କରାଯାଇ ୫ହଜାର ୮ଶହ ଟଙ୍କା, ସୋର ଏବଂ କୁରୁଡା ଅଞ୍ଚଳରୁ ୫ହଜାର ୫ଶହ ଟଙ୍କା ଏବଂ ଜଳେଶ୍ୱର ଓ ବାଲେଶ୍ୱର ସହରାଞ୍ଚଳରୁ ୪ହଜାର ୩ଶହ ଟଙ୍କା ଜୋରିମାନା ଆଦାୟ ହୋଇଛି । ଖାଦ୍ୟ ଓ ମିଷ୍ଟାନ୍ନର ଗୁଣାତ୍ମକ ମାନ ବଜାୟ ରଖିବା ସହିତ ସେଗୁଡିକର ପ୍ରସ୍ତୁତ/ତିଆରି ତାରିଖ ଏବଂ ଏକ୍ସପାରି(ସମାପ୍ତି) ତାରିଖ ଉଲେଖ କରିବାକୁ ସମସ୍ତ ଦୋକାନୀକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଖିଲାପକାରୀଙ୍କ ଖାଦ୍ୟ ବିକ୍ରି ପଞ୍ଜୀକରଣ ରଦ୍ଦ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରିଣୀ ଅନୁଶ୍ରୀ ଖଟୁଆ, ସ୍ୱାସ୍ଥ୍ୟ ସୁପରଭାଇଜର ଗଦାଧର ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ ନିତ୍ୟାନନ୍ଦ ପତି, ରାମଚନ୍ଦ୍ର ପତି ଏବଂ ହରିହର ଦାସ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ପରାଶର ମହାନ୍ତି ପାଇଲେ ଜାତୀୟ ବିଜ୍ଞାନ ଏକାଡେମୀ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି)ର ଗଣିତ ଓ ପରିସଂଖ୍ୟାନ ବିଭାଗ, କାନପୁର, ଉତର ପ୍ରଦେଶଠାରେ ପ୍ରଫେସର ରୂପେ କାର୍ଯ୍ୟରତ ଡକ୍ଟର ପରାଶର ମହାନ୍ତି ସମ୍ମାନଜନକ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ଶିକ୍ଷକ ପୁରସ୍କାର-୨୦୨୧ ଲାଭ କରିଛନ୍ତି । ଏପରି ବିରଳ କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡିଆ । ଭାରତୀୟ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଏବଂ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ଶିକ୍ଷାଦାନର ମାନକୁ ସ୍ୱୀକୃତି ଦେବା ସହ ଶିକ୍ଷାଦାନର ଗୁଣବତା ମୂଲ୍ୟାୟନ ତଥା ନିରବଚ୍ଛିନ୍ନତା ଦିଗରେ କାର୍ଯ୍ୟ କରୁଥିବା ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ( ଆଇଏନ୍ଏସ୍ଏ ) ଦ୍ୱାରା ଉକ୍ତ ପୁରସ୍କାରର ଆରମ୍ଭ କରାଯାଇଛି । ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଯେଉଁ ଶିକ୍ଷକମାନେ ଛାତ୍ରମାନଙ୍କ କ୍ୟାରିଅରକୁ ଆଗେଇ ନେବାରେ ମାର୍ଗଦର୍ଶନ କରିବା ସହ ସେମାନଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ କରିଛନ୍ତି, ସେମାନଙ୍କ ନିଷ୍ଠାପର ବୃତିକୁ ସ୍ୱୀକୃତି ଦେବା ଏବଂ ସେହି କୃତି ଶିକ୍ଷକମାନଙ୍କୁ ସମ୍ମାନିତ କରିବା ଏହି ପୁରସ୍କାରର ଲକ୍ଷ୍ୟ ଅଟେ ।

## ଗୋଟିଏ ଦିନରେ ୪୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୨୧୪୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୮ ହଜାର ୭୯୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦୮୭ ରହିଛି। ଆଜି ଚିହ୍ନଟ ହୋଇଥିବା ୪୪୮ ଜଣଙ୍କ ମଧ୍ୟରୁ ୨୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୦୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୪୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୪, ଗଜପତି ଜିଲ୍ଲାରୁ ୧, ଗଂଜାମ ଜିଲ୍ଲାରୁ ୧, ଜଗତସିଂହପୁର ଜିଲ୍ଲାରୁ ୧୯ ଜଣ, ଯାଜପୁରରୁ ୧୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି । ଖୋର୍ଦ୍ଧାରୁ ୨୦୮ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଆନ୍ଧ୍ରରେ ଓଡିଆ ଯୁବକ ଗୁରୁତର : ଚିକିତ୍ସା ପାଇଁ ଅର୍ଥ ବାଧକ

### ସହାୟତା ପାଇଁ ବାପା-ମା'ଙ୍କ ଆକୁଳ ନିବେଦନ



ବାଲିଆପାଳ,୧୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ତ୍ରିଲୋଚନ ଦଳାଇଙ୍କ ପୁଅ ସନ୍ତୋଷ ଦଳାଇ (୨୦) ବର୍ଷ ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ର ଯାଇ ସେଠାରେ ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ଯାହା ରୋଜଗାର କରୁଥିଲେ ସେଥିରେ ଗାଁରେ ରହୁଥିବା ରୋଗିଣା ବାପା-ମାଙ୍କ ଚିକିତ୍ସା କରିବା ସହିତ ପରିବାର ମଧ୍ୟ ଚଳାଉଥିଲେ । ହସ ଖୁସିରେ ଚାଲୁଥିବା ଏହି ପରିବାର ଉପରେ ହଠାତ ବିପଦ ମାଡି ଆସିଲା। ସପ୍ତାହ ତଳେ ସନ୍ତୋଷ କାରଖାନାରେ କାମ କରୁଥିବା ବେଳେ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ। ସେଠାରେ କାମ କରୁଥିବା ଅନ୍ୟ ଓଡିଆ ଯୁବକ ମାନେ ତାଙ୍କୁ ନେଇ ଆନ୍ଧ୍ରପ୍ରଦେଶର ଗାନ୍ଧିନଗରରେ ଥିବା ସରକାରି ଡାକ୍ତରଖାନାରେ ଭର୍ତ୍ତୀ କରାଇଥିଲେ। ସେଠାରେ ଗୁରୁତର ଅବସ୍ଥାରେ ସନ୍ତୋଷ ଚିକିତ୍ସିତ ହେଉଛନ୍ତି । ଭଲ ହେବା ପାଇଁ ପେଟରେ ଅସ୍ତ୍ରୋପଚାର କରିବାକୁ ପଡିବ ବୋଲି ଡାକ୍ତର କହୁଛନ୍ତି । ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ତେବେ ବାହାର ରାଜ୍ୟରେ ଏତେଗୁଡିଏ ଅର୍ଥ ସଂଗ୍ରହ କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ପରିବାର ମଧ୍ୟ ଅତ୍ୟନ୍ତ ଗରିବ। ଅର୍ଥ ଯୋଗାଡ କରିବାରେ ଅକ୍ଷମ । ସବୁ ଆଡୁ ନିରାଶ ହୋଇ ବାପ-ମା ଏବେ ପୁଅର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଫଟୋ ଧରି ଭିକ୍ଷାବୃତିକୁ ଅପଣାଇଛନ୍ତି । ସ୍ଥାନିୟ ପ୍ରଶାସନ, ତହସିଲଦାର, ଜନପ୍ରତିନିଧି, ବିଧାୟକ, ସାଂସଦ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗଇ ଦେବାକୁ ଆକୁଳ ନିବେଦନ କରିଛନ୍ତି । ଯଦି କେହି ସହୃଦୟ ବ୍ୟକ୍ତି ବା ଅନୁଷ୍ଠାନ ସହାୟତା କରିବାକୁ ଚାହାନ୍ତି ତେବେ ମୋବାଇଲ ନଂ-୯୫୮୩୯୦୩୦୧୯ରେ ଯୋଗା ଯୋଗ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ଦେବୀ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ

ପୁରୀ,୧୧/୧୦ (ନି.ପ୍ର): ଆଜି ମହାସପ୍ତମୀ ଅବସରରେ ବିଭିନ୍ନ ଦେବୀ ମନ୍ଦିର ଗୁଡିକ ହୋଇଉଠିଛି ଚଳଚଞ୍ଚଳ । ଆଜି ନିଶାର୍ଦ୍ଧରେ ବିଭିନ୍ନ ପୂଜାମଣ୍ଡପରେ ଦୁର୍ଗା ଓ ଗୋସାଣୀମୂର୍ତ୍ତିମାନଙ୍କୁ ଜୀବନ୍ୟାସ ଦିଆଯାଇ ତ୍ରିଦିନାତ୍ମକ ପୂଜାର ଶୁଭାରମ୍ଭ କରାଯାଇଛି। ଦୁର୍ଗାସ୍ତୋତ୍ର ଓ ଚଣ୍ଡୀପାଠର ଧ୍ୱନିରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି । ଶ୍ରୀମନ୍ଦିର ବେଢାସ୍ଥିତ ଦେବୀ ବିମଳାଙ୍କଠାରୁ ଆରମ୍ଭ କରି ମନ୍ଦିର ନିକଟସ୍ଥ ଦକ୍ଷିଣକାଳୀ, ଗଛକାଳୀ, ଶ୍ୟାମାକାଳୀ, ରାମଚଣ୍ଡୀ, ଅଲାମଚଣ୍ଡୀ, ବାସେଳୀ, ବାଟମଙ୍ଗଳା, ବାରାହୀ, ବିଶେଶ୍ୱରୀ ଓ ମରଚି ଠାକୁରାଣୀ ଆଦି ସମସ୍ତ ଦେବୀ ମନ୍ଦିରରେ ଆରମ୍ଭ ହୋଇଛି ତ୍ରିଦିନାତ୍ମକ ପୂଜା । ପରମ୍ପରା ଅନୁଯାୟୀ ଦେବୀପୀଠ ଓ ପୂଜାମଣ୍ଡପମାନଙ୍କରେ କରାଯାଉଛି ସଙ୍କୁଡି ଭୋଗ । ଦୁର୍ଗାବାଡି ସମିତି ପୂଜାମଣ୍ଡପରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଆଜିଠାରୁ ଦେବୀଙ୍କ ଷଷ୍ଠୀପୂଜା ଆରମ୍ଭ ହୋଇଛି । କାଳୀକାଦେବୀ ସାହିସ୍ଥିତ ଦକ୍ଷିଣକାଳୀଙ୍କୁ ସପ୍ତମୀ, ଅଷ୍ଟମୀ ଓ ନବମୀ ଅବସରରେ ସୁନା ବେଶରେ ସଜ୍ଜିତ କରାଯିବ । ଦଶହରା ଦିନ ମା' ଦକ୍ଷିଣକାଳୀ ଅପରାଜିତା ବେଶରେ ସଜ୍ଜିତା ହେବେ । ତେବେ କୋଭିଡ୍ କଟକଣା ଯୋଗୁଁ ପୂଜାର ଯାକଜମକର ମଜା ନେବାରୁ ଶ୍ରଦ୍ଧାଳୁମାନେ ଏକ ପ୍ରକାର ବଞ୍ଚିତ ହୋଇଛନ୍ତି।

## ପୂଜା ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ଗଡିବ ୫ଟି ବିଶେଷ ଟ୍ରେନ୍

ଭୁବନେଶ୍ୱର,୧୧/୧୦ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ଆଗାମୀ ପର୍ବପର୍ବାଣିରେ ଯାତ୍ରୀମାନଙ୍କ ଅତିରିକ୍ତ ପ୍ରତିକ୍ଷା ସୂଚୀକୁ ଏଡ଼ାଇବାପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ୫ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ବ୍ୟବସ୍ଥା କରାଯାଇଛି । ପୁରୀ-ପାଟନା-ପୁରୀ ସ୍ପେଶାଲ୍ (ଟ୍ରେନ୍ ନଂ ୦୮୪୩୯/୦୮୪୪୦) ଟ୍ରେନ୍ ୧୬ ଅକ୍ଟୋବର ରୁ ୩୧ ଅକ୍ଟୋବର ମଧ୍ୟରେ ପ୍ରତି ଶନିବାର ଦିନ ପୁରୀରୁ ଅପରାହ୍ନ ୨ଘ.୫୫ମି.ରେ ଛାଡିବ ଏବଂ ଫେରିବା ଦିଗରେ, ଏହା ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୧ଘ.୪୫ମି.ରେ ପାଟନାରୁ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍ (ଟ୍ରେନ୍ ନଂ ୦୮୫୭୯/୦୮୫୮୦) ଟ୍ରେନ୍ ୧୩ ଅକ୍ଟୋବର ରୁ ୨୮ ଅକ୍ଟୋବର ମଧ୍ୟରେ ପ୍ରତି ବୁଧବାର ଦିନ ବିଶାଖାପାଟନମ୍ ଠାରୁ ସନ୍ଧ୍ୟା ୭ ଘଟିକାରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ସିକନ୍ଦରାବାଦ ଠାରୁ ପ୍ରତି ଗୁରୁବାର ଦିନ ସନ୍ଧ୍ୟା ୭ଘଣ୍ଟା ୪୦ମି.ରେ ଛାଡିବ । ଏହି ଟ୍ରେନରେ ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ତିରୁପତି-ବିଶାଖାପାଟନମ୍ ସ୍ୱତନ୍ତ୍ର (ଟ୍ରେନ୍ ନଂ ୦୮୫୮୩/୦୮୫୮୪) ଟ୍ରେନ୍ ୧୮ ଅକ୍ଟୋବର ରୁ ୨ ନଭେମ୍ବର ମଧ୍ୟରେ ପ୍ରତି ସୋମବାର ଦିନ ବିଶାଖାପାଟନମ୍ ଠାରୁ ସନ୍ଧ୍ୟା ୭ଘଂଟା ୧୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ତିରୁପତି ଠାରୁ ପ୍ରତି ମଙ୍ଗଳ ବାର ଦିନ ରାତ୍ରି ୯ଘ.୫୫ମି.ରେ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍ (ଟ୍ରେନ୍ ନଂ ୦୮୫୮୫/୦୮୫୮୦୬) ଟ୍ରେନ୍ ୧୯ ଅକ୍ଟୋବର ରୁ ୩ ନଭେମ୍ବର ମଧ୍ୟରେ ପ୍ରତି ମଙ୍ଗଳବାର ଦିନ ବିଶାଖାପାଟନମ୍ ରୁ ସନ୍ଧ୍ୟା ୫ଘ.୩୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ସିକନ୍ଦରାବାଦ ଠାରୁ ପ୍ରତି ବୁଧବାର ଦିନ ରାତ୍ରି ୯ଘ.୦୫ମି.ରେ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ହାଓଡ଼ା-ପୁରୀ - ହାଓଡ଼ା ସ୍ପେଶାଲ୍ (ଟ୍ରେନ୍ ନଂ ୦୮୧୭୯/୦୮୧୮୦) ଟ୍ରେନ୍ ୦୯ ଅକ୍ଟୋବର ରୁ ୭ ନଭେମ୍ବର ମଧ୍ୟରେ ପ୍ରତ୍ୟେକ ଶନିବାର ଦିନ ହାଓଡ଼ା ଠାରୁ ରାତ୍ରି ୮ଘ.୩୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ପୁରୀ ଠାରୁ ପ୍ରତି ରବିବାର ଦିନ ସନ୍ଧ୍ୟା ୭ଘଣ୍ଟା ୨୦ମି.ରେ ଛାଡିବ ।

## ମୟୂରଭଞ୍ଜ ହେରିଟେଜ ୱାକ ଉଦ୍‌ଘାଟିତ

### ମୟୂରଭଞ୍ଜର ପର୍ଯ୍ୟଟନ, କଳାସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ଏକ ଅଭିନବ ପ୍ରୟାସ



ବାରିପଦା,୧୧/୧୦ (ନି.ପ୍ର): ମୟୂରଭଞ୍ଜର ପର୍ଯ୍ୟଟନ, କଳା, ସଂସ୍କୃତି ଏବଂ ଐତିହ୍ୟକୁ ଯୁବପିଢି ତଥା ଛାତ୍ରଛାତ୍ରୀ ମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ମୟୂରଭଞ୍ଜ ଲଭର୍ସ ଓ ମୟୂରଭଞ୍ଜ ମିରର ସଂଗଠନ ଦ୍ୱାରା ଆଜି ଠାରୁ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି ନୂଆ ଅଭିଯାନ ମୟୂରଭଞ୍ଜ ହେରିଟେଜ ୱାକ । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବାରିପଦାଠାରେ ଆଜି ମୟୂରଭଞ୍ଜ ପ୍ୟାଲେସ ଓ ମା କୀଚକେଶ୍ୱରୀ ମନ୍ଦିରକୁ ଯୁବ ପିଢି ଙ୍କୁ ବୁଲାଇ ନେବା ସହ ଏହାର ଇତିହାସ ଓ ଗଠନ ଶୈଳୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୟୂରଭଞ୍ଜ ଲଭର୍ସର ସଦସ୍ୟ କୁମାରେଶ ନାୟକ ମୟୂରଭଞ୍ଜ ହେରିଟେଜ ୱାକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହା ପରେ ଅନ୍ୟତମ ସଦସ୍ୟ ତଥା ମୟୂରଭଞ୍ଜ ଇତିହାସ ଅନୁସନ୍ଧିତ୍ସୁ ଋଷିରାଜ ପଟ୍ଟନାୟକ ମୟୂରଭଞ୍ଜ ପ୍ୟାଲେସର ଗଠନ ଶୈଳୀ ଓ ଏହାର ଇତିହାସ ସମ୍ପର୍କରେ ସମସ୍ତ ଅଂଶଗ୍ରହଣ କାରୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବାରିପଦା ସ୍ଥିତ କୀଚକେଶ୍ୱରୀ ମନ୍ଦିର ଗସ୍ତ କରି ଚାରମିନାର ଶୈଳୀରେ ନିର୍ମିତ ସମ୍ମୁଖ ତୋରଣ, ମନ୍ଦିର ନିର୍ମାଣ ଶୈଳୀ ଓ ମା କୀଚକେଶ୍ୱରୀ ଓ ଚାମୁଣ୍ଡା ଦେବୀଙ୍କ ସମ୍ପର୍କୀତ ସବିଶେଷ ବର୍ଣ୍ଣନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ରାଜପରିବାରର ରାଜକୁମାରୀ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ମୟୂରଭଞ୍ଜ ହେରିଟେଜ ୱାକରେ ଅଧିକରୁ ଅଧିକ ଯୁବପିଢି ସାମିଲ ହୋଇ ମୟୂରଭଞ୍ଜର କଳା, ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ବ୍ରତୀ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜୟ ପ୍ରକାଶ ସିଂହ ଓ ଆକାଶ ମହାନ୍ତି ସଂଯୋଜନା କରିଥିବା ବେଳେ ସଦସ୍ୟ ସୁଶ୍ରୀ ନାୟକ, କିଶୋର କୁମାର ମହାନ୍ତି, ଶ୍ରୁତି ସ୍ୱପ୍ନା ଓ ଅପର୍ଣ୍ଣା ସିଂ ପ୍ରମୁଖ ପରିଚାଳନା କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅନ୍ୟ ଅଞ୍ଚଳ ଗୁଡିକୁ ମଧ୍ୟ ସାମିଲ କରାଯିବ ବୋଲି ମୟୂରଭଞ୍ଜ ଲଭର୍ସ ତରଫରୁ ପ୍ରକାଶ କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo